

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୮୭ ● ୧୫ ନଭେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-287 ● 15th November 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ବିଜେପିର ବାଜିମାତ୍

## ନୂଆପଡ଼ା ଉପନିର୍ବାଚନ : ବିଜେଡ଼ିକୁ ଶକ୍ତ ଧକ୍କା, ରେକର୍ଡ ବ୍ୟବଧାନରେ ଜିତିଲା ବିଜେପି

**ନୂଆପଡା/ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଆସନ ଦଖଲ କରିଛି ବିଜେପି । ଏଠାରେ ହୋଇଥିବା ଉପନିର୍ବାଚନ ପାଇଁ ମତଦାନର ମତଗଣନା ପରେ ଭାରତୀୟ ଜନତା ପାର୍ଟି (ବିଜେପି) ବାଜି ମାରିଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବଡ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି । ଜୟ ଢୋଲକିଆ ୧, ୨୩, ୮୬୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୪୦,୧୨୧ ଖଣ୍ଡ ଭୋଟ୍ ମିଳିଛି। ଅର୍ଥାତ ଜୟ ଢୋଲକିଆ ୮୩,୭୪୮ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ଏହି ଆସନରେ ବିଜେଡ଼ି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅର୍ଥାତ୍ ଏଠାରେ ବିଜେଡ଼ିକୁ ଲୋକେ ତୃତୀୟ ସ୍ଥାନରେ ପହଞ୍ଚାଇଛନ୍ତି।

୧୧ ବର୍ଷ ପରେ ନୂଆପଡ଼ାର ଲୋକେ ବିଜେପି ପ୍ରାର୍ଥୀଙ୍କୁ ପୁଣି ଥରେ ବିପୁଳ ଭୋଟ୍ ଦେଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା



ପରେ ପରେ ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ଶୋଭାଯାତ୍ରା କରିଛନ୍ତି। ସେ ଖରିଆର ରୋଡ୍‌ରେ ନିଜ ପରିବାର ଏବଂ ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ନୂଆପଡ଼ା ଉପନିର୍ବାଚନରେ ବିଜୟ ହାସଲ କରିବା ପରେ ଓଡ଼ିଶା ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି। ଅନ୍ୟପଟେ ମୁଖ୍ୟବିରୋଧୀ ଦଳ ବିଜେଡିର ସଂଖ୍ୟା ୫୧ରୁ ୫୦କୁ ହ୍ରାସ ପାଇଛି। ଉପନିର୍ବାଚନ ବିଜୟ ପରେ ବିଜେପି ଶିବିରରେ ଉତ୍ସାହ ଦେଖାଯାଇଛି। ନୂଆପଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ନେତା, କର୍ମୀ ଉତ୍ସାହିତ ହୋଇପଡିଛନ୍ତି। ଏଠାରେ ସୂଚନା (ପୃଷ୍ଠା ୭ରେ)

### କିଏ କେତେ ଭୋଟ ପାଇଲେ

- ଜୟ ଢୋଲକିଆ (ବିଜେପି): ୧,୨୩,୮୬୯
- ଘାସିରାମ ମାଝୀ (କଂଗ୍ରେସ): ୪୦,୧୨୧
- ସ୍ନେହାଙ୍ଗିନୀ ଛୁରିଆ (ବିଜେଡି): ୩୮,୪୦୮
- ଲୋଚନ ସିଂହ ମାଝୀ (ସ୍ୱାଧୀନ): ୨,୧୩୭
- ଲକ୍ଷ୍ମୀକାନ୍ତ ତାଣ୍ଡି (ସ୍ୱାଧୀନ): ୧,୩୨୨
- କିଶୋର କୁମାର ବାଗ (ସ୍ୱାଧୀନ): ୭୪୩
- ଭୁବନଲାଲ ସାହୁ (ସ୍ୱାଧୀନ): ୭୨୧
- ହେମନ୍ତ ତାଣ୍ଡି (ସ୍ୱାଧୀନ): ୬୬୨
- ଚକ୍ରାନ୍ତ ଜେନା (ସ୍ୱାଧୀନ): ୫୨୯
- ଭକ୍ତବନ୍ଧୁ ଧରୁଆ (ସ୍ୱାଧୀନ): ୫୧୧
- ରମାକାନ୍ତ ହାତୀ (ସମାଜବାଦୀ ପାର୍ଟି): ୪୮୯
- ନୀତା ବାଗ (ସ୍ୱାଧୀନ): ୫୨୯
- ଆଶ୍ରୟ ମହାନନ୍ଦ (ସ୍ୱାଧୀନ): ୧୯୧
- ସୁକଧର ଦଣ୍ଡସେନା (ଓଡ଼ିଶା ଜନତା ପାର୍ଟି): ୧୬୭
- ପୋଷ୍ଟାଲ ବାଲାଟ୍: ୨୮୬
- ବିଜେପି: ୧୧୨
- କଂଗ୍ରେସ: ୫୫
- ବିଜେଡି: ୩୦
- ନାକାଚ: ୮୯

## ବିହାରରେ ଏନଡିଏର ବିପୁଳ ବିଜୟ, ଭୁଶୁଡ଼ିଗଲା ମହାମେଣ୍ଟ

**ପାଟନା, ୧୪।୧୧**

ବିହାର ନିର୍ବାଚନରେ ଏନଡିଏକୁ ଐତିହାସିକ ବିଜୟ ମିଳିଛି। ବିପୁଳ ଆସନରେ ଏନଡିଏ ବିଜୟଲାଭ କରି ବିରୋଧୀ ମହାମେଣ୍ଟକୁ କଡ଼ା ଜବାବ ଦେଇଛି। ମହାମେଣ୍ଟ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ସରକାର ଗଢ଼ିବାର ସ୍ୱପ୍ନ ଦେଖୁଥିବା ବିରୋଧୀଙ୍କ ମହାମେଣ୍ଟ ୫୦ଟି ଆସନ ବି ଦଖଲ କରିପାରି ନାହିଁ। ମାତ୍ର ୩୫ ଆସନ ପାଇଛି ମହାମେଣ୍ଟ।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପାଇଁ କୌଣସି ଦଳକୁ ୧୨୨ ଆସନରେ ବିଜୟୀ ହେବା ଆବଶ୍ୟକ ଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଆକଳନ ଅନୁସାରେ ଏନଡିଏ(ବିଜେପି, ଜେଡିୟୁ, ଏଲଜେପି ଓ ଅନ୍ୟାନ୍ୟ ସହଯୋଗୀ ଦଳ) ୧୫୦ରୁ ୧୬୦ ଆସନରେ ବାଜି ମାରିବ ବୋଲି କୁହାଯାଉଥିଲା। ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଏନଡିଏ ପ୍ରାୟ ୨୦୨ ଆସନରେ ବିଜୟ ହାସଲ କରିଛି। ଅନ୍ୟପଟେ ବିରୋଧୀଙ୍କ ମହାମେଣ୍ଟକୁ ୩୫ ଆସନ ମିଳିଥିବା ବେଳେ ଅନ୍ୟାନ୍ୟକୁ ୬ ଆସନ ମିଳିଛି। (ପୃଷ୍ଠା ୭ରେ)

### ଆମେ ଏନଡିଏ, ଲୋକଙ୍କ ସେବକ



**ନୂଆଦିଲ୍ଲୀ, ୧୪।୧୧**

ବିହାର ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ, ଭାଜପା ସଭାପତି ଜେପି ନଡ୍ଡା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉପସ୍ଥିତ ଥିଲେ। ମୁଖ୍ୟାଳୟରେ ପହଞ୍ଚିବା ପରେ, ପ୍ରଧାନମନ୍ତ୍ରୀ ମୋଦୀ ବିହାରୀ ଶୈଳୀରେ ଗାମୁଛା ହଲାଇଥିଲେ।

ବିହାର ନିର୍ବାଚନରେ ଐତିହାସିକ ବିଜୟକୁ ପାଳନ କରି, ଭାଜପା କର୍ମୀ ଏବଂ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଏବଂ ସେମାନଙ୍କର କୃତଜ୍ଞତା (ପୃଷ୍ଠା ୭ରେ)

## କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ କ୍ଷୋଭ ଭୋଟର ଟଙ୍କାରେ କିଣି ହୋଇଗଲେ

**ଭୁବନେଶ୍ୱର, ୧୪।୧୧ : ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପନିର୍ବାଚନ ଜନାଦେଶକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ । ସେ କହିଛନ୍ତି ଯେ, ନୂଆପଡ଼ା ଉପନିର୍ବାଚନରେ ଭୋଟର ଟଙ୍କାରେ କିଣି ହୋଇଗଲେ, ମାଟି ପୁଅକୁ ଚିହ୍ନିଲେନି । କେନ୍ଦ୍ରୀୟ ନେତାଙ୍କ ସାହାଯ୍ୟ, ସମର୍ଥନ ମିଳିଲାନି । ସେ କହିଥିଲେ ଆବ୍ରାହମ୍ ଲିଙ୍କନ ୯ ଥର ହାରିଥିଲେ, ମୁଁ ୬ ଥର ହାରିଛି। ଆଉ ୩ ଥର ନିର୍ବାଚନ ଲଢ଼ିବି ବୋଲି ଘାସିରାମ କହିଛନ୍ତି ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୦୪ (-୧୫୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୪୫ (-୧୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୫୨୮ (-୧୧୯)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୮୩ (+୦)

## ଉପନିର୍ବାଚନରେ କାମ କଲାନି ନବୀନଙ୍କ କ୍ରେଜ୍

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପନିର୍ବାଚନ ଜିତିବା ବିଜେଡ଼ି ପାଇଁ ସମ୍ମାନର ପ୍ରଶ୍ନ ଥିଲା। ଏହି ସମ୍ମାନ ରକ୍ଷା ପାଇଁ ଉପ ନିର୍ବାଚନ ଜିତିବାକୁ ପୂରା ଦମ୍‌ରେ ବିଜେଡି କାମ କରିଥିଲା। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ବରିଷ୍ଠ ନେତାଙ୍କ ସହ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଜୋରଦାର ପ୍ରଚାର କରିଥିଲେ। ସ୍ନେହାଙ୍ଗିନୀଙ୍କ ପାଇଁ ଭୋଟ୍ ମାଗିଥିଲେ। ୨୪ ବର୍ଷର ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ଲୋକପ୍ରିୟ ନେତା ନବୀନଙ୍କ ପ୍ରଚାର ରାଲିରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ନବୀନଙ୍କ ପ୍ରଚାର ପରେ ଲାଗୁଥିଲା ବାଜି ଓଲଟିଯିବ ବୋଲି । ପ୍ରଚାର ବେଳେ ଏତେ ଜନସମାଗମ ହୋଇଥିଲା ଯେ ଜନମତ ବିଜେଡି ସପକ୍ଷରେ ଯିବ ବୋଲି ଦଳର ବରିଷ୍ଠ ନେତାମାନେ ଦମ୍ଭୋକ୍ତି କରିଥିଲେ। ନିର୍ବାଚନୀ ସଭାରେ ବିପୁଳ ଜନସମାଗମ ଯେ କେବଳ ନବୀନଙ୍କୁ



ଦେଖିବାକୁ ହିଁ ଥିଲା ମାତ୍ର ସେସବୁ ଭୋଟରେ ରୂପାନ୍ତରିତ ହେବନି ବୋଲି କୌଣସି ନେତା ଜାଣିପାରିନଥିଲେ। ଯାହା କୁହାଯାଉଥିଲା ଓ ପ୍ରଚାର ହେଉଥିଲା ସାରା ରାଜ୍ୟରେ ନବୀନଙ୍କ କ୍ରେଜ ରହିଛି ବୋଲି ତାହା କିନ୍ତୁ ଏଥର ନୂଆପଡା ଉପନିର୍ବାଚନରେ କାମ ଦେଲାନି । ଯାହାଫଳରେ ବିଜେଡ଼ି ଏଠାରେ ଶୋଚନୀୟ ଭାବେ ପରାଜୟ ବରଣ କରିବା ସହ ତୃତୀୟ ସ୍ଥାନରେ ପହଞ୍ଚିଲା। ଦଳୀୟ ନେତାମାନେ ଏହି ପରାଜୟର କାରଣ ସମ୍ପର୍କରେ ସମୀକ୍ଷା କରିବା ଆରମ୍ଭ କରିଥିବା ଜଣାପଡିଛି।

### ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟଲାଭ କରିଥିବାରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପରେ ନବୀନ ସୋସିଆଲ ମିଡିଆ ଏକ୍ସରେ ଏନେଇ ଟ୍ୱିଟ କରିଛନ୍ତି ।

ବିଜେଡି ସୁପ୍ରିମୋ କହିଛନ୍ତି, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଉଛି। ସ୍ନେହାଙ୍ଗୀନ ଛୁରିଆଙ୍କୁ ପରିଶ୍ରମ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ଆହୁରି କହିଛନ୍ତି, ନିର୍ବାବାଚନରେ ହାରଜିତ ଲାଗି ରହିଛି। ବିଜେଡିର ଲୋକଙ୍କ (ପୃଷ୍ଠା ୭ରେ)

## ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣର ଅନ୍‌ଲାଇନ ସମର୍ଥନରେ ଆସାମରୁ ୨୦ ଗିରଫ



**ଗୌହାଟୀ, ୧୪।୧୧**

ଦିଲ୍ଲୀ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତମାନଙ୍କ ସପକ୍ଷରେ ସୋସିଆଲ ମିଡିଆରେ ସମର୍ଥନ ଦେଖାଇବା ମାମଲାରେ ଆସାମ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚଢାଉ କରି ୨୦ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ ଡ଼. ହିମନ୍ତ ବିଶ୍ୱ ଶର୍ମା ଶୁକ୍ରବାର ସୋସିଆଲ ମିଡିଆ ମାଧ୍ୟମରେ କହିଛନ୍ତି ଯେ, ଏପରି ତତ୍ତ୍ୱମାନଙ୍କୁ କଡ଼ା ନଜରରେ ରଖାଯାଇଛି ଏବଂ ତଦନ୍ତ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।

ପୁଲିସ ସୂଚନା ଅନୁସାରେ, ଧରାପଡ଼ିଥିବା ବ୍ୟକ୍ତିମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକ୍ରମଣରେ ଜଡିତ ଆତଙ୍କବାଦୀମାନଙ୍କ ସପକ୍ଷରେ ପୋଷ୍ଟ ଏବଂ ପ୍ରତିକ୍ରିୟା ସେୟାର କରୁଥିଲେ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦକୁ ବଢ଼ାଇବା କିମ୍ବା ଦେଶର ସୁରକ୍ଷାକୁ ଚ୍ୟାଲେଞ୍ଜ କରିବାର କୌଣସି ଚେଷ୍ଟାକୁ ବରଦାସ୍ତ କରାଯିବ ନାହିଁ।

## ଶାନ୍ତିଶୃଙ୍ଖଳାର ସହ ଭୋଟ ଗଣତି ପରେ କୃତଜ୍ଞତା ଜଣାଇଲେ ସିଇଓ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳା, ପାରଦର୍ଶୀ ଓ ସ୍ୱଚ୍ଛତାର ସହିତ ସମ୍ପନ୍ନ ହୋଇଛି । ଗଣତି ଶେଷ ହେବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ଫଳାଫଳ ସମ୍ପର୍କରେ ଘୋଷଣା କରିଥିଲେ। ନିର୍ଦ୍ଧାରିତ ୨୯ ରାଉଣ୍ଡ (ଇଭିଏମ ଏବଂ ପୋଷ୍ଟାଲ ବାଲାଟ) ଗଣତି ଶେଷ ପରେ ଭାରତୀୟ ଜନତା ଦଳର ପ୍ରାର୍ଥୀ ଜୟ ଢୋଲକିଆ ମୋଟ ୧,୨୩,୮୬୯ ଭୋଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି ।

ଭୋଟଗଣନା ଶାନ୍ତିଶୃଙ୍ଖଳା ଏବଂ ବାଧାବିଘ୍ନ ବିନା ସମ୍ପୂର୍ଣ୍ଣ ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ସେ ସମସ୍ତ ପର୍ଯ୍ୟବେକ୍ଷକ, ଜିଲ୍ଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସରଙ୍କ ସମେତ ଗଣତିରେ ନିୟୋଜିତ ଅଧିକାରୀ/କର୍ମଚାରୀ ଓ ଆଇନ-ଶୃଙ୍ଖଳା ରକ୍ଷା ପାଇଁ (ପୃଷ୍ଠା ୭ରେ)

### ଏକାଳ ପଖାଳ



ନୂଆପଡାରେ ପଦ୍ମଁଅ ଫୁଟିଲା
ତୃତୀୟ ସ୍ଥାନରେ ଶଙ୍ଖ
ଦ୍ୱିତୀୟ ହେଇକି ହାତବାଲାଏ
ଦେଇଛନ୍ତି ନୂଆ ଛୁଙ୍କ
ବିହାରରେ ବି ହେଇ ଦେଖ
ଫୁଲବାଲା ସବୁ ନାଚିନାଚି କିବା
କାଟନ୍ତି ବିରୋଧୀ ନାକ

## ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ଉଦ୍‌ଘାଟିତ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୧**

ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ଶୁକ୍ରବାର ଦିନ ଏହାକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ 'ଓଡ଼ିଶା ମଣ୍ଡପ'ର ଆକର୍ଷଣୀୟ ଡିଜାଇନକୁ ପ୍ରଶଂସା କରିଥିଲେ।

''ଏଥର 'ଓଡ଼ିଶା ମଣ୍ଡପ' ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ରାଜ୍ୟର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ସାଙ୍ଗକୁ କୃଷି, ଶିଳ୍ପ ଓ ବାଣିଜ୍ୟ ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହେଉଛି। ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଓ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ ଏହି ବାଣିଜ୍ୟ ମେଳାରେ ପ୍ରଦର୍ଶନ କରାଯାଉଛି। ଓଡ଼ିଶା ସବୁବେଳେ ମହିଳା ଶକ୍ତିଙ୍କୁ ଗୁରୁତ୍ୱ ଦେଇ ଆସୁଛି। ଚଳିତ ବର୍ଷ ଏହି ମେଳାର ବିଭିନ୍ନ ଷ୍ଟଲରେ ମହିଳାଙ୍କ ଉପସ୍ଥିତି ଏକଥାକୁ ପ୍ରମାଣିତ କରୁଛି,'' ବୋଲି ଓଡ଼ିଶା ମଣ୍ଡପ ଉଦଘାଟନ ଅବସରରେ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ନୂଆଦିଲ୍ଲୀରେ ନଭେମ୍ବର ୧୪ରୁ ୨୭ ତାରିଖ ଯାଏଁ ଚାଲିବ 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'। ଏଥର ଭାରତ ମଣ୍ଡପମର ହଲ୍ ନମ୍ବର-୪ରେ ସ୍ଥାନ ପାଇଛି 'ଓଡ଼ିଶା ମଣ୍ଡପ'। ଏ ବର୍ଷର ଥିମ୍ ରହିଛି 'ଏକ ଭାରତ ଶ୍ରେଷ୍ଠ ଭାରତ'। (ପୃଷ୍ଠା ୭ରେ)

## ଶୀତ କବଳରେ ଅଧା ଓଡ଼ିଶା

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ରାଜ୍ୟକୁ ଶୀତ ବିଳମ୍ବରେ ଆସିଛି। କାର୍ତ୍ତିକ ମାସରେ ଶୀତ ଅନୁଭୂତ ହେଲା ନାହିଁ। ଗତ କିଛିଦିନ ହେଲା ରାଜ୍ୟ ମଧ୍ୟକୁ ଶୁଷ୍କ ଥଣ୍ଡା ବାୟୁ ପ୍ରବେଶ କରୁଥିବାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଉଛି। ଫଳସ୍ୱରୂପ ସାରା ରାଜ୍ୟରେ ଶୀତର ପ୍ରକୋପ ଅନୁଭୂତ ହେଉଛି। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି, ଘୁ.ଉଦୟଗିରି ଏବଂ ଫୁଲବାଣୀ ଅଞ୍ଚଳରେ ଜାଡ଼ ଥରାଉଛି।

୪ଟି ସ୍ଥାନରେ ରାତିର ତାପମାତ୍ରା ୧୦ଡିଗ୍ରୀ ତଳକୁ ଖସିଥିବା ବେଳେ ୯ଟି ଅଞ୍ଚଳରେ ପାରଦ ୧୨ଡିଗ୍ରୀ ତଳେ ରହିଛି। ପାହାଡ଼ିଆ ଏବଂ ସମତଳ ଅଞ୍ଚଳଗୁଡ଼ିକରେ ଶୀତ ବଢୁଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ



କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୩ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ୩ଦିନ ପରେ ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୩ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି।

ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୭.୧ଡିଗ୍ରୀ ଥିବାବେଳେ ଘୁ. ଉଦୟଗିରିରେ ୭.୪, ଦାରିଙ୍ଗବାଡ଼ିରେ ୭.୫, ଫୁଲବାଣୀରେ ୮.୫, (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ନଭେମ୍ବର ୨୦୨୫ ଶନିବାର





# ଟ୍ୟାକ୍ସ କଲେକ୍ଟରଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଭାଗୀୟ କାର୍ଯ୍ୟରେ ଅବହେଳା ଓ ମନମାନି ଯୋଗୁ ସୋନପୁର ପୌରପରିଷଦର ଟ୍ୟାକ୍ସ ଏଣ୍ଡ ଫି କଲେକ୍ଟର କୃଷ୍ଣ ଭକ୍ତ ନାଏକଙ୍କୁ ନିଲମ୍ବନ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ । ପ୍ରକାଶଥାଉ କି ଯେ ଜିଲ୍ଲାର ସମସ୍ତ ପୌରପରିଷଦ ଓ ବିଜ୍ଞାପିତ ପରିଷଦମାନଙ୍କୁ ନେଇ



ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କାର୍ଯ୍ୟ ତଦାରଖ ବେଳେ ଅନୁପସ୍ଥିତ ଥିବା ଟ୍ୟାକ୍ସ କଲେକ୍ଟର କୃଷ୍ଣ ଭକ୍ତ ନାଏକଙ୍କୁ ପ୍ରଥମେ ବିଭାଗୀୟ ଅଧିକାରୀ ଓ ପରେ ଜିଲ୍ଲାପାଳ ନିଜେ ବାରମ୍ବାର ଫୋନ୍ କଲା ସତ୍ତ୍ୱେ ବି ଫୋନ୍ ନ ଉଠାଇବା ଯୋଗୁ ଓ ଲୋକଙ୍କ ରାଜସ୍ୱ ପାଣ୍ଠିରୁ ମାସକୁ ୮୨ ହଜାର ଟଙ୍କା ଦରମା ନେଇ ଲୋକଙ୍କ ସେବାରେ ଓ ସରକାରୀ କାର୍ଯ୍ୟରେ ଘୋର ଅବହେଳା କରିଥିବା ଓ ତାଙ୍କ ନାଁ ରେ ବିଭିନ୍ନ ଅଭିଯୋଗ ଥିବା ଯୋଗୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଏ ପଦକ୍ଷେପ ନେଇଥିବା ଜଣାଯାଇଛି । ସକାଳ ୧୦ଟାରେ ଜିଲ୍ଲାପାଳ ଡ଼. ସାହୁ ପୁଣି ନିଜେ ପୌରପରିଷଦ ଅଫିସରେ ପହଞ୍ଚି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ । ଏ କର୍ମଚାରୀ ଶ୍ରୀ ନାଏକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନିଲମ୍ବନ କରିଥିବା ଖବର ମିଳିଛି ।

# ଶାଳୀଅଞ୍ଚଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଶାଳୀଅଞ୍ଚଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କମିଟି ସଦସ୍ୟମାନେ ଜିଲ୍ଲାପାଳ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଭେଟି ସ୍କୁଲର ଶିକ୍ଷକ ଅଭାବ ଥିବା ପୂରଣ କରିବା ସହିତ ବଦଳୀ କରିଥିବା ଶିକ୍ଷକଙ୍କ ଆଦେଶକୁ ବାତିଲ୍ କରିବା ପାଇଁ ଦାବି କରିଛନ୍ତି । ଏହି ସ୍କୁଲରେ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ତିନିଜଣ ଶିକ୍ଷକଙ୍କ ମଧ୍ୟରୁ ଜଣକର ବଦଳି ହୋଇଯାଇଛି । ଯାହାଫଳରେ ଦୁଇଜଣ ଶିକ୍ଷକ ଶତାଧିକ ଛାତ୍ର/ଛାତ୍ରୀଙ୍କର ପାଠ ପଢାଇବା ସମ୍ଭବ ହେଉନାହିଁ । ଏଭଳି ପରିସ୍ଥିତିରେ ଛାତ୍ର/ଛାତ୍ରୀଙ୍କର ଭବିଷ୍ୟତ ଅନ୍ଧାରମୟ ହେବାର ଆଶଙ୍କା ରହିଛି । ତୁରନ୍ତ ଶିକ୍ଷୟିତ୍ରୀଙ୍କ ବଦଳୀକୁ ବାତିଲ୍ କରିବା ସହିତ ଆଉଜଣେ ଶିକ୍ଷକ ନିଯୁକ୍ତି ଦେବାପାଇଁ ଗ୍ରାମର ଅଶୋକ କୁମାର ମଲ୍ଲିକ, ଦେବରାଜ ସାମଲ, ଆଶୁତୋଷ ପରିଡା, ଲମ୍ବୋଦର ଧଳ, ହେମନ୍ତ ରାଉତ, ଅର୍ଜୁନୀ ରାଉତ, ଆନନ୍ଦ ସ୍ୱାଇଁ, ଭାଗବତ ରାଉତ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

# ବାଇକ୍ ଛଡ଼ାଇ ନେଇ ଗିରଫ ହେଲେ ନାତି, ଅଜା ଓ ମଉସା

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ହୋଟେଲରେ କାମ କରୁଥିବା ମିସ୍ତ୍ରୀକୁ ମାରିଦେବାକୁ ଉଦ୍ୟମ କରିବା ଓ ବାଇକ୍ ଛଡାଇ ଫରଜରି ନମ୍ବର କରି ଚଳାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଗୁରୁବାର ଦିନ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଉଛନ୍ତି ନନ୍ଦନକାନନ ଥାନା ଅଧୀନସ୍ଥ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ପ୍ରଫୁଲ୍ଲ ରାଉତ ଓ ନାତି ଆନନ୍ଦ ରାଉତ, ମେଣ୍ଢାଶାଳ ଫାଣ୍ଡି ଅଞ୍ଚଳର ମଉସା ସବ୍ୟସାଚୀ ବରାଳ । ପ୍ରକାଶ ଯେ, ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଥିବା ଏକ ହୋଟେଲ୍‌କୁ ଭଡା ସୂତ୍ରରେ ନେଇଥିବା ରଘୁନାଥପୁର ଗ୍ରାମର ଆନନ୍ଦ ରାଉତ ନାମକ ଯୁବକଙ୍କ ପାଖରେ ଦଶପଲ୍ଲାର ରଞ୍ଜନ କୁମାର ନାୟକ ନାମକ ବ୍ୟକ୍ତି ମିସ୍ତ୍ରୀ ଭାବେ କାମ କରୁଥିଲେ । ଚୁକ୍ତି ମୁତାବକ ମାସିକ ଦରମା ଠିକ୍ ଭାବେ ନଦେବାରୁ ହୋଟେଲ ମାଲିକ ଓ ମିସ୍ତ୍ରୀ ମଧ୍ୟରେ ବିବାଦ ଦେଖାଦେଇଥିଲା । ମିସ୍ତ୍ରୀ ରଞ୍ଜନ ବକେୟା ଟଙ୍କା ମାଗିବାରୁ ହୋଟେଲ ମାଲିକ ଆନନ୍ଦ ଜାତିଆଣ ଆକ୍ଷେପ କରି ଲୋକଙ୍କ ଆଗରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ବାରମ୍ବାର ଟଙ୍କା ମାଗିବାକୁ ନେଇ ରଞ୍ଜନକୁ ହୋଟେଲ ମାଲିକ ଓ ତାର ପରିବାର ଲୋକ ମିଶି ମରଣାତ୍ମକ ଆକ୍ରମଣ କରିଥିଲେ । ନିଜ ଜୀବନ ବଞ୍ଚାଇବାକୁ ଯାଇ ରାତିରେ ଲୁଚି ନିଜ ବାଇକ୍ ନେଇ ପଳାଉଥିବାବେଳେ ପୁଣି ମାଡ ମାରି ବାଇକ୍ ଛଡାଇ ରଖିଥିଲେ । ନିଜ ଜୀବନ ବଞ୍ଚାଇବାକୁ ଯାଇ ରଞ୍ଜନ ରାତାରାତି ପ୍ରାଣବିକଳରେ ଲିଫ୍ଟ ମାଗି ଘରକୁ ପଳାଇ ଆସିଥିଲା । ପରେ ଓକିଲଙ୍କ ସହାୟତାରେ ଆସି ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ ବୋଲି ସେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ । ଏସିପି ବିଶ୍ୱଜିତ ମନବୋଧ ୨୯୬/୨୫ କେସ୍ ନମ୍ବରରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ । ଆନନ୍ଦ ଉକ୍ତ ବାଇକ୍‌ର ନମ୍ବର ପରିବର୍ତ୍ତନ କରି ଚଳାଉଥିବା ବେଳେ ନନ୍ଦନକାନନ ପୋଲିସ ରାତ୍ରି ପାଟ୍ରୋଲିଂ ବେଳେ ଗାଡ଼ିକୁ ଜବତ କରିଥିଲେ । ଗୁରୁବାର ଦିନ ନନ୍ଦନକାନନ ପୋଲିସ ଏହି ଘଟଣାରେ ରଘୁନାଥପୁର ଗ୍ରାମର ପ୍ରଫୁଲ୍ଲ ରାଉତ, ନାତି ଆନନ୍ଦ ରାଉତ, ମେଣ୍ଢାଶାଳ ଫାଣ୍ଡି ଅଞ୍ଚଳର ମଉସା ସବ୍ୟସାଚୀ ବରାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ପ୍ରଫୁଲ୍ଲ ରାଉତ ଏକ ହତ୍ୟାକାଣ୍ଡ ଘଟଣାରେ ୧୨ ବର୍ଷ ସଜା କାଟି ଫେରିଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

### ||||||||||||| ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଏବଂ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ |||||||||||||

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ମେଗା ଶିବିର ଆୟୋଜନ

**ଖୋର୍ଦ୍ଧାରୋଡ଼, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ରେଳବାଇ ପେନ୍‌ସନ୍‌ଭୋଗୀ ଏବଂ ପରିବାର ପେନ୍‌ସନ୍‌ଭୋଗୀ ମାନଙ୍କ ଦ୍ୱାରା ଡିଜିଟାଲ୍ ଜୀବନ ପ୍ରମାଣପତ୍ର (DLC)ର ସୁଗମ ଏବଂ ସୁବିଧାଜନକ ଭାବରେ ଦାଖଲ କରିବା ପାଇଁ ଖୋର୍ଦ୍ଧା ରୋଡ୍ ଠାରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ଏବଂ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମେଗା ଶିବିର ଆୟୋଜନ କରିଛି । ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ବିନା ଅସୁବିଧାରେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ ଏବଂ ନିରନ୍ତର ପେନ୍‌ସନ୍ ଲାଭ ପାଇପାରିବେ ତାହା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଦେଶବ୍ୟାପୀ ଅଭିଯାନର ଏକ ଅଂଶ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ବିଭିନ୍ନ



ସ୍ଥାନରେ ରହୁଥିବା ପେନ୍‌ସନ୍‌ଭୋଗୀଙ୍କ ପାଇଁ ବ୍ୟାପକ ଅଂଶଗ୍ରହଣ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ, ନିମ୍ନଲିଖିତ ସ୍ଥାନ ଏବଂ ତାରିଖ ଉଲ୍ଲେଖ କରାଯାଉଛି । ଭୁବନେଶ୍ୱର (ଷ୍ଟେସନ୍) ୧୫ ନଭେମ୍ବର ୨୦୨୫ ରେ, କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ୧୭ ନଭେମ୍ବର ୨୦୨୫ ରେ, କେନ୍ଦୁଝରଗଡ଼ ରେଲୱେ ଷ୍ଟେସନ୍ ୧୯ ନଭେମ୍ବର ୨୦୨୫ ରେ, ଅନୁଗୁଳ (ଇଲେକ୍ଟ୍ରିକ୍ ଲୋକୋ ସେଡ୍ ମିଟିଂ ହଲ୍) ୨୦ ନଭେମ୍ବର ୨୦୨୫ ରେ, ତାଳଚେର ରେଲୱେ ଷ୍ଟେସନ୍ ୨୪ ନଭେମ୍ବର ୨୦୨୫ରେ, ଭଦ୍ରକ ରେଲୱେ ଷ୍ଟେସନ୍ ୨୭ ନଭେମ୍ବର ୨୦୨୫ରେ ଏବଂ ପାରାଦୀପ (ଏରିଆ ମ୍ୟାନେଜରଙ୍କ ଅଫିସ) ୨୮ ନଭେମ୍ବର ୨୦୨୫ରେ ଏହି ସମାନ ଶିବିର ଆୟୋଜନ କରାଯିବାର ସ୍ଥିର କରାଯାଇଛି । ପେନ୍‌ସନ୍‌ଭୋଗୀ ଏବଂ ପରିବାର ପେନ୍‌ସନ୍‌ଭୋଗୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ସ୍ଥାନରେ ଆୟୋଜନ କରାଯାଉଥିବା ଶିବିରରେ ଯୋଗଦେବାକୁ କୁହାଯାଇଛି । ଯାଞ୍ଚ ଏବଂ ପ୍ରକ୍ରିୟାକରଣ ପାଇଁ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପିପିଓ ନମ୍ବର, ପେନ୍‌ସନ୍ ଆକାଉଣ୍ଟ ନମ୍ବର ଏବଂ ପଞ୍ଜିକୃତ ମୋବାଇଲ୍ ନମ୍ବର (ଆଧାର ସହିତ ଲିଙ୍କ୍) ଆଣିବାକୁ ପରାମର୍ଶ ଦିଆଯାଇଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ପେନ୍‌ସନ୍‌ଭୋଗୀ ଏବଂ ପରିବାର ପେନ୍‌ସନ୍‌ଭୋଗୀ ମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନେବା ସହ ସୁଗମ ପେନ୍‌ସନ୍ ପ୍ରାପ୍ୟ ଏବଂ ଅବସର ପରବର୍ତ୍ତୀ ସୁବିଧା ଉପଲବ୍ଧ ସୁନିଶ୍ଚିତ କରେଇ ନିଅନ୍ତୁ ।

# ବିଜେପି କୃଷକ ମୋର୍ଚ୍ଚାର ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଚଳିତ ଖରିଫ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଠାରେ ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା ଜିଲ୍ଲା ସଭାପତି ଭାଗିରଥି ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଚାଷୀ ମାନଙ୍କୁ ସମୃଦ୍ଧ କରିବା ସହିତ ଆୟକୁ ଦୁଇ ଗୁଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି । ତାହାର ଲାଭ କିପରି ଭାବରେ ଚାଷୀମାନେ ପାଇବେ ସେଥିପ୍ରତି ସମସ୍ତ କାର୍ଯ୍ୟକର୍ତ୍ତା କାମ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ଚଳିତ ଖରିଫ ଧାନ କିଣା କାରବାର କଟ୍‌ନି ଛଟ୍‌ନି କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ । କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ ଗତ ବର୍ଷ ୫୯ ହଜାର ଚାଷୀ ବିକ୍ରି କରିଥିବା ବେଳେ ଏ ବର୍ଷ ୭୯ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷ ତୁଳନାରେ ୨୦ ହଜାର ଅଧିକ ଚାଷୀ ଜିଲ୍ଲାରେ ଧାନ ଚାଷ କରିବା ଏକ ଐତିହାସିକ ଲକ୍ଷଣ ଓ ଶୁଭ ସଂକେତ ବୋଲି ମହେଶ୍ୱର ସାହୁ କହିଥିଲେ । ଓଡ଼ିଶାର ୧୫ ଲକ୍ଷ ହେକ୍ଟର ଜମି ଜଳ ସେଚନ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଶ୍ରୀ ସାହୁ ସ୍ୱାଗତ କରିଥିଲେ । ଏହି କର୍ମଶାଳାରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ତେଲକୋଇ ବିଧାୟକ ଫକୀର ନାୟକ, ବିଜେପି ରାଜ୍ୟ ସଂପାଦକ ମମତା ସିଂ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପୃଥିରାଜ କୁଅଁର, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବରିଷ୍ଠ ବିଜେପି ନେତା ଶ୍ରୀଧର ସାହୁ, ସୁବ୍ରତ ମହାନ୍ତି, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ରାଜେଶ କୁମାର ସିଂହ, ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, ସୁଧାକର ସାହୁ, ଶିଶିର କୁମାର ସାହୁ, ଧନୁର୍ଜୟ ମହାନ୍ତ, ପ୍ରଶାନ୍ତ କୁମାର ସ୍ୱାଇଁ, ଜୟକୃଷ୍ଣ ମହାନ୍ତ, ଶିବେନ୍ଦ୍ରେ ଚକ୍ର, କୈଳାଶ ସାମଲ, ନିତ୍ୟାନନ୍ଦ ପହି, ପ୍ରଫୁଲ କୁମାର ନାୟକ, ଅନନ୍ତ ବାରିକ, ସନ୍ୟାସୀ ପାତ୍ର, ନିରଞ୍ଜନ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମହାନ୍ତ, ଜୟକୃଷ୍ଣ ମହାନ୍ତ, ପ୍ରମୋଦ କୁମାର ସାହୁ, ପ୍ରସନ୍ନ କୁମାର ନାୟକ, ବିପିନୀ ମହାନ୍ତ, ଗୌତମ ନାୟକ, ରାଜେଶ କୁମାର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, କମଳା ନାୟକ, ରବିନ୍ଦ୍ର କୁମାର ଦେହୁରୀ, ରତିକାନ୍ତ ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ ।



# ବାଜବାଟି କଳାପଥର ଲୁଟ୍‌ର ତଦନ୍ତ ଆରମ୍ଭ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅଧିନ ବାଜବାଟି କଳାପଥର ଖଦାନରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରି ଫେରିଯାଇଛନ୍ତି । କଳାପଥରରେ ବ୍ୟାପକ ହରିଲୁଟ୍ ଓ ଖଦାନ ଅଞ୍ଚଳରେ ପ୍ରଦୂଷଣ ହେଉଥିବା ଏନ୍‌ଜିଟିରେ ଅଭିଯୋଗକ୍ରମେ ତଦନ୍ତ ପାଇଁ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ଏକ ଟିମ୍ ଗଠିତ ହୋଇଥିଲା । ଟିମ୍ ଗୁରୁବାର ଦିନ ବାଜବାଟି କଳାପଥର ଖାଦାନ ପରିଦର୍ଶନ କରି ଫେରିଯାଇଛନ୍ତି । ଜିଲ୍ଲାଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ, ଖଣିଅଧିକାରୀ ଝସକେତନ ସେଠୀ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ମଦନମୋହନ ସାହୁ, ସିଆର୍ ଅଧିକାରୀ ପ୍ରଦୀପ କୁମାର ନାୟକ ଓ ତହସିଲଦାର ସମୀର ରଞ୍ଜନ ଦାସ ପ୍ରମୁଖ ୨ନଂ ଓ ୬ନଂ କ୍ୱାରୀକୁ ତଦନ୍ତକରି ଫେରିଯାଇଛନ୍ତି । କାନପୁର ଅଞ୍ଚଳର ଜନୈକ ମହିଳା ଉର୍ବଶୀଜେନା ଲିଜଧାରୀ ଆଇପିଏଲ୍ କମ୍ପାନୀ ରାତିଦିନ କଳାପଥର ଉତ୍ତୋଳନ ଓ ପରିବେଶ ପ୍ରଦୂଷଣ କରୁଥିବାନେଇ ଏନ୍‌ଜିଟିରେ ଅଭିଯୋଗ କରିଥିଲେ । ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ହୋଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ।

# ଭଉଣୀ ଜ୍ୱାଇଁଙ୍କ ସହ ମିଶି ସାନ ଭଉଣୀଙ୍କ ପ୍ରେମିକକୁ ପିଟି ପିଟି ମାରିଦେଲେ ମହିଳା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଥାନା ଅଞ୍ଚଳ ଆନନ୍ଦପୁର ପଞ୍ଚାୟତ ଉତ୍ତେଇପୁରରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଯୁବକ ଜଣକଙ୍କ ନାଁ ସଞ୍ଜୟ ରାଉତ ହୋଇଥିବା ବେଳେ ତାଙ୍କ ଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତର ବଇଁଚା ଗାଁରେ ବୋଲି ସୂଚନା ମିଳିଛି । ଘଟଣା ନେଇ ଧାମନଗର ଥାନା ପୋଲିସ ତଦନ୍ତ କରୁଛି । ଏହାସହ ଆକ୍ରମଣରେ ସଂପୃକ୍ତ ଅଭିଯୋଗରେ ଜଣେ ମହିଳା ଓ ୨ ଜଣ ପୁରୁଷଙ୍କୁ ଧାମନଗର ଥାନା ପୋଲିସ ଅଟକ ରଖିଛି । ଅଟକ ଥିବା ମହିଳାଙ୍କ ନାଁ ମଧୁସ୍ମିତା ପାତ୍ର ହୋଇଥିବା ବେଳେ ଅନ୍ୟ ତିନି ଜଣ ହେଲେ ମଧୁସ୍ମିତାଙ୍କ ଭଉଣୀ ଜ୍ୱାଇଁ ରମାକାନ୍ତ ବେହେରା ଓ ତାଙ୍କ ଭାଇ ପ୍ରଶାନ୍ତ ବେହେରା । ଉତ୍ତେଇପୁରର ମଦନ ପାତ୍ରଙ୍କ ସ୍ତ୍ରୀ ମଧୁସ୍ମିତାଙ୍କ ସାନ ଭଉଣୀଙ୍କୁ ସଞ୍ଜୟ ପ୍ରେମ କରୁଥିଲେ । ହେଲେ ପରବର୍ତ୍ତୀ ସମୟରେ ମଧୁସ୍ମିତାଙ୍କ ଭଉଣୀ ଅନ୍ୟତ୍ର ବାହା ହୋଇଥିବାବେଳେ ସଞ୍ଜୟ ମଧ୍ୟ ଅନ୍ୟ ଆଡ଼େ ବିବାହ କରିଥିଲେ । ତେବେ ମଧୁସ୍ମିତାଙ୍କୁ ସଞ୍ଜୟ ହଇରାଣ ହରକତ କରିଆସୁଥିଲେ । ଏଥିରେ ଅତିଷ୍ଠ ହୋଇ ମଧୁସ୍ମିତାଙ୍କୁ ଏ ବାବଦରେ ଜଣାଇଥିଲେ ତାଙ୍କ ସାନ ଭଉଣୀ । ଏଣୁ ସଞ୍ଜୟଙ୍କୁ ପାନେ ଦେବା ଲାଗି ମଧୁସ୍ମିତା, ତାଙ୍କ ସାନ ଭଉଣୀ, ଭଉଣୀ ଜ୍ୱାଇଁ ରମାକାନ୍ତ ବେହେରା ମିଶିକି ଯୋଜନା କରିଥିଲେ । ଯୋଜନା ଅନୁସାରେ ମଧୁସ୍ମିତା ତାଙ୍କ ଭଉଣୀ, ଭଉଣୀ ଜ୍ୱାଇଁ ରମାକାନ୍ତଙ୍କୁ ଡକାଇଥିଲେ । ରମାକାନ୍ତଙ୍କ ସହ ତାଙ୍କ ଦୁଇ ଭାଇ ପ୍ରଶାନ୍ତ ଓ ପ୍ରିୟବ୍ରତ ଏବଂ ଅନ୍ୟ ଜଣେ ଯୁବକ ଆସି ଉତ୍ତେଇପୁରରେ ମଧୁସ୍ମିତାଙ୍କ ଶାଶୂଘରେ ପହଞ୍ଚିଥିଲେ । ଏହାପରେ ସଞ୍ଜୟଙ୍କୁ ଡକାଇଥିଲେ । ମଧୁସ୍ମିତାଙ୍କ ଷଡ଼ଯନ୍ତ୍ର ବାବଦରେ କିଛି ଜାଣିନଥିବାରୁ ସଞ୍ଜୟ ମଧ୍ୟ ଆସି ପହଞ୍ଚିଥିଲେ । ସଞ୍ଜୟ ପହଞ୍ଚିବା ପରେ ତାଙ୍କୁ ଗୋଟେ ଘର ଭିତରେ ପୂରାଇ ମଧୁସ୍ମିତା ଓ ଅନ୍ୟମାନେ ମିଶିକି ନିସ୍ତୁକ ମାଡ଼ ମାରିଥିଲେ । ଏଥିରେ ସଞ୍ଜୟଙ୍କ ଦୁଇ ଗୋଡ଼ ପୂରା ଚୂନା ହୋଇଯାଇଥିବା ବେଳେ, ମୁଣ୍ଡ ଫାଟି ମାଂସ ବାହାରି ଆସିଥିଲା । ଆକ୍ରମଣ ସମୟରେ ସଞ୍ଜୟ ଚିତ୍କାର କରିବାରୁ ଗାଁ ଲୋକେ ଏକାଠି ହୋଇଯାଇଥିଲେ । ପରେ ପରେ ଧାମନଗର ଥାନା ପୋଲିସକୁ ଖବର ଦେଇଥିଲେ । ପୋଲିସ ଆସି ପହଞ୍ଚି ସଞ୍ଜୟଙ୍କୁ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲ୍ଲା ହେଡକ୍ୱାର୍ଟର ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ । ଚିକିତ୍ସା ବେଳେ ସଞ୍ଜୟଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି ।

# ଓଳାଭର ବଜାର ଜବରଦଖଲ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ୍ ଅନ୍ତର୍ଗତ ଓଳାଭର ବଜାରରେ ଥିବା ସରକାରୀ ଜାଗାକୁ ଜବରଦଖଲ କରି ବ୍ୟବସାୟ କରିଆସୁଥିବା ଦ୍ୱାରା ଯିବା ଆସିବାରେ ବ୍ୟାପକ ଅସୁବିଧା ହେଉଛି । ଏ ନେଇ ସମାଜସେବୀ ନଳିନୀକାନ୍ତ ପୃଷ୍ଟି, ଉଚ୍ଚ ନ୍ୟାୟାଳୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ମନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ସ୍ଥାନୀୟ ତହସିଲଦାର କୌଣସି ପଦକ୍ଷେପ ନନେବାରୁ ମୁଖ୍ୟ ଅଭିଯୋଗକାରୀ ଶ୍ରୀ ପୃଷ୍ଟି ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ଜିଲ୍ଲାପାଳ ଶ୍ରୀରଘୁରାମ୍ ଆର୍.ଆଇ.ଆର୍ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାପରେ ଉପଜିଲ୍ଲାପାଳ ଅରୁଣକୁମାର ନାୟକ ରାଜକନିକା ତହସିଲଦାରଙ୍କୁ ଚିଠି ନମ୍ବର-୧୭୩୧୦ରେ ଦୁଇଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।





# ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗୃହ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ସଚିବ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ପକୃତି ବନ୍ଧୁ ରାଜୀବ ଲୋଚନ ଗୁରୁ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ସୁବର୍ଣ୍ଣପୁରର ଆଇନ୍ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକରାଗରକୁ ଯାଇ ଅନ୍ତେବାସୀଙ୍କ ସହ ଏକ ଶିବିର ଅନୁଷ୍ଠିତ ହେବା ସହିତ ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ କୌଣସି ମାମଲାରେ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ କାରାଗାରରେ ଥିବା ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରିଥିଲେ । କିନ୍ତୁ କୌଣସି ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ପାଇନଥିଲେ । ପରିଦର୍ଶନ ସମୟରେ ଉପକାରାଗାରର ଅଧ୍ୟକ୍ଷ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ ।

# ସଡ଼କ ଦୁର୍ଘଟଣା:୩ ଗୁରୁତର





**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଡୋଲ ଗ୍ରାମରେ ଭୟଙ୍କର ସଡ଼କ ଦୁର୍ଘଟଣା । ଗାଡ଼ିରେ ତିନିଜଣ ବ୍ୟକ୍ତି ଥିବାବେଳେ ସମସ୍ତେ ଆହତ ହୋଇଥିବା ସୂଚନା ମିଳିଛି । ରାତି ପ୍ରାୟ ୧୨ ଘଣ୍ଟା ୩୦ମିରୁ ଗୋଟାଏ ମଧ୍ୟରେ ଉକ୍ତ ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଲୋକେ କହୁଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଲୁହା ବିଦ୍ୟୁତ ପୋଲୋ ସହିତ ଗାଡିର ଇଞ୍ଜିନ ବାହାରି ଛିଟିକି ହୋଇପଡିଛି । ଗାଡି ଦ୍ରୁତ ଗତିରେ ଭଟଲିରୁ ବରଗଡ଼ ଅଭିମୁଖେ ଯାଉଥିବା ବେଳେ ବରଡୋଲ ଗ୍ରାମ ସଡ଼କ ପଡା ରାଜ୍ୟ ରାଜପଥରେ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଗାଡ଼ିରେ ଥିବା ତିନିଜଣ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ


**ତା୧୫।୧୧।୨୦୨୫, କାର୍ତ୍ତିକ ଦି୩୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୫୫।୧୮ ଚନ୍ଦ୍ରୋଦୟ-ରାଘ୨।୩୦।୧୪**


**ଏକାଦଶୀ-** ରାଘ୨।୩୮ ପର୍ଯ୍ୟନ୍ତ । **ଉତ୍ତରା ଫାଲଗୁନି ନକ୍ଷତ୍ର-** ରାଘ ୧୧।୩୫ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୨।୩୮ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୨।୧୭ ଗତେ ଘ ୮।୪୫ ମଧ୍ୟେ । ଦିଘ ୨।୧୭ ଗତେ ଘ ୨।୫୦ ମଧ୍ୟେ । **ପର୍ବୋତ୍ସବ-** ଉତ୍ପନ୍ନା ଏକାଦଶୀ (ରାମାନୁଜ ଭିନ୍ନ ସର୍ବସମ୍ମତ), ବିର୍ସାମୁଣ୍ଡା ଜୟନ୍ତୀ, ମାସାନ୍ତ ।




**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।




**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନତା ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସମସ୍ୟା ଦେଖାଦେଇପାରେ ।




**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।




**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବର ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।




**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।




**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।



**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ । ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।



**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

# ଆଗାମୀ କାଲିର ପଞ୍ଜିକା

ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୬।୧୧।୨୦୨୫, ମାର୍ଗଶିର ଦି୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୫୫।୪୩ ଚନ୍ଦ୍ରୋଦୟ-ରାଘ୩।୧୮।୧୩**

**ଦ୍ୱାଦଶୀ-** ନିଘ୪।୪୮ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ରାଘ ୨।୧୧ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ନିଶାନ୍ତ ୪।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୪୪ ଗତେ ଘ ୮।୫୬ ମଧ୍ୟେ । ଦିଘ ୧୨।୫୪ ଗତେ ଘ ୨।୫୦ ମଧ୍ୟେ । **ପର୍ବୋତ୍ସବ-** ରାମାନୁଜ ବୈଷ୍ଣବଙ୍କ ଏକାଦଶୀ, ବିଛା ସଂକ୍ରାନ୍ତି, ବଂଗୀୟମତେ କାର୍ତ୍ତିକେୟପୂଜା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜଳବାୟୁ ପରିବର୍ତ୍ତନରେ ସବୁଠୁ ଅଧିକ ପ୍ରଭାବିତ ଦେଶ ଭାରତ

କରାଳ ରୂପ ଦେଖାଉଛି ପ୍ରକୃତି। ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣାମ। ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଦେଶମାନଙ୍କ ମଧ୍ୟରେ ନବମ ସ୍ଥାନରେ ଭାରତ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଗତ ତିନି ଦଶନ୍ଧି ମଧ୍ୟରେ ଯାଇଛି ୮୦ ହଜାରରୁ ଅଧିକ ଜୀବନ। ଅପ୍ରତ୍ୟାଶିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏକ ଅରବ ଲୋକ ପ୍ରଭାବିତ। ଜର୍ମାନୱାଚ୍‌ର କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ-୨୦୨୬ ରିପୋର୍ଟରୁ ଖୁଲାସା। ବ୍ରାଜିଲର ବେଲେମର କପ୍-୩୦ରେ ଜାରି କରାଯାଇଥିବା କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୬ ରିପୋର୍ଟ ମୁତାବକ ଭାରତ ବାରମ୍ବାର ବନ୍ୟା, ବାତ୍ୟା, ଲୁ ଏବଂ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। ଏହାଦ୍ୱାରା ଉଭୟ ଜନଜୀବନ ଓ ଦେଶର ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପଡୁଛି। ୧୯୯୫ ରୁ ୨୦୨୪ ମଧ୍ୟରେ ଭାରତରେ ୪୩୦ ରୁ ଅଧିକ ବିପର୍ଯ୍ୟୟ ହୋଇଛି। ଏହି ସବୁ ଘଟଣାରେ ଦେଶର ଏକ ଅରବରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ୮୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏହାଦ୍ୱାରା ଦେଶର ୧୭୦ ଅରବ ଡଲାରର ଆର୍ଥିକ କ୍ଷତି ହୋଇଛି। ରିପୋର୍ଟ ଅନୁଯାୟୀ, ୨୦୨୪ରେ ଭାରତ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଦେଶମାନଙ୍କ ମଧ୍ୟରେ ୧୫ତମ ସ୍ଥାନରେ ଥିଲା। ୨୦୨୪ରେ ବନ୍ୟା ସବୁଠୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଥିଲା। ଏଥିରେ ପ୍ରାୟ ୫ କୋଟି ଲୋକ ପ୍ରଭାବିତ ହୋଇଥିଲେ। ଏହାପରେ ଲୁରେ ୩.୩ କୋଟି ଏବଂ ମରୁଡ଼ିରେ ୨.୯ କୋଟି ଲୋକ ପ୍ରଭାବିତ ହୋଇଥିଲେ। କେବଳ ମୌସୁମୀଜନିତ ଅଚାନକ ବନ୍ୟା ଯୋଗୁଁ ଗୁଜରାଟ, ମହାରାଷ୍ଟ୍ର ଏବଂ ତ୍ରିପୁରାରେ ପ୍ରାୟ ୮୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୧୯୯୮ରେ ଗୁଜରାଟ ବାତ୍ୟା, ୧୯୯୯ରେ ଓଡ଼ିଶା ମହାବାତ୍ୟା, ୨୦୧୩ରେ ଉତ୍ତରାଖଣ୍ଡ ବନ୍ୟା ବିଭୀଷିକା ଏବଂ ହିଟ୍‌ୱେଭ୍ ଭଳି ଘଟଣାରେ ସବୁଠୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏହି ସବୁ ଘଟଣା ଭାରତକୁ ବିଶ୍ୱ ଜଳବାୟୁ ବିପଦ ସୂଚକାଙ୍କରେ ଶୀର୍ଷ ଦେଶମାନଙ୍କ ମଧ୍ୟରେ ସ୍ଥାନିତ କରିଛି। ଗତ ତିନି ଦଶନ୍ଧି ମଧ୍ୟରେ ଡୋମିନିକା ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଏହାପରେ ମିଆଁମାର ଦ୍ୱିତୀୟ ସ୍ଥାନରେ ଓ ହୋଣ୍ଡୁରାସ୍ ତୃତୀୟ ସ୍ଥାନରେ ରହିଛି। ତା ପଛକୁ ଲିବିଆ, ହୈତି, ଗ୍ରେନାଡା, ଫିଲିପାଇନ୍, ନିକାରାଗୁଆ, ଭାରତ ଓ ବହାମାସ ରହିଛନ୍ତି। ଜର୍ମାନୱାଚ୍ ?ର ବରିଷ୍ଠ ପରାମର୍ଶକ ୱେରା କୁନଜେଲ କହିଛନ୍ତି ଯେ, ଭାରତ, ଫିଲିପାଇନ୍ ଏବଂ ହୈତିରେ ଲଗାତର ବନ୍ୟା, ଲୁ ଏବଂ ବାତ୍ୟା ହେଉଛି। ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟରୁ ମୁକୁଳିବା କ୍ଷଣି ଆଉ ଏକ ବିପର୍ଯ୍ୟୟ ମାଡ଼ି ଆସୁଛି।



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୪୩

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୬୨.ସୁହାସିନୀର ଭାବୀପତିଙ୍କ ସହ ସାକ୍ଷାତ

ଶିକ୍ଷା କ୍ଷେତ୍ରର ସର୍ବୋଚ୍ଚ ଉପଲବ୍ଧି ଆଚାର୍ଯ୍ୟ ଉପାଧି ପାଇ ମୁଁ ଓ ସୁହାସୀ ସରସ ମନରେ ସଗର୍ବେ ବିଶ୍ରାମାଗାରକୁ ଚାଲିଚାଲି ଯାଉଥିଲା ବେଳେ, ଆମ୍ଭ ଆଡକୁ "ସୁହାସିନୀ, ସୁହାସିନୀ" ବୋଲି ଉଚ୍ଚ ସ୍ୱରରେ କେହି ଜଣେ ପୁରୁଷ ଡାକୁଥିବା, ଆମ୍ଭ ଚତୁର୍ଦ୍ଦିଗରେ ଥିବା ଜନଗହଳି ମଧ୍ୟରୁ ଶୁଣିବାକୁ ପାଇଲୁ। ଆମ୍ଭେ ଦୁହେଁ ଚକିତ ହୋଇ ଚାରିଦିଗକୁ ଦୃଷ୍ଟିପାତ କରିବାରୁ ଦେଖିଲୁ ଯେ ସେହି ପୁରୁଷ ଜଣକ ଜନ ସମାଗମ ମଧ୍ୟରୁ ବହୁ କଷ୍ଟରେ ଆସି ଆମ୍ଭ ସମ୍ମୁଖରେ ଉପନୀତ ହେଲେ। ଆମ୍ଭେ ହଠାତ୍ କିଛି ବୁଝିପାରିଲୁ ନାହିଁ। କିନ୍ତୁ ହଠାତ୍ ମୋ ମନକୁ ଆସିଗଲା ଯେ ସେ ନିଶ୍ଚିତ ଭ୍ରାତା ମଂଜୁନାଥ ହୋଇଥିବେ।

**ତେଣୁ ସୁହାସୀକୁ ମୁଁ କହିଦେଲି, "ଆରେ ମୁର୍ଖ, କ'ଣ ଦେଖୁଛୁ ? ସେ ନିଶ୍ଚୟ ଭ୍ରାତା ମଂଜୁନାଥ।" ପୁଣି ତା' କାନ ପାଖରେ ଧୀର ସ୍ୱରରେ କହିଲି, "ତୋ ବିହୁନେ କନ୍ଦର୍ପର ଶରରେ ଆଘାତ ପାଇ ସେ ତୋତେ ଦେଖିବାକୁ ଆସିଯାଇଛନ୍ତି।" ସାଥି ସାଥି ମଂଜୁନାଥ ସ୍ମିତ ହସ ମୁଖରେ କହିଲେ, "ସତ୍ୟ। ସତ୍ୟ କହିଛ ରାଜକୁମାରୀ। ଉଦ୍‌ବେଳିତ ମନ ନେଇ ମୋର ପ୍ରାଣପ୍ରିୟା ସହ ଦୁଇପଦ ମଧୁର କଥା ହେବାକୁ ଆସିଯାଇଛି। ତଦ୍ୱାରା ବିବାହ ପୂର୍ବରୁ ଥିବା ଅଳ୍ପଦିନପାଇଁ ମୋର ମନ ଶୀତଳତା ଲାଭ କରିବ।" ଆମ୍ଭେ ଦୁହେଁ ସ୍ମିତ ହସରେ ଶୁଣୁଥାଉ। ପୁଣି କହିଲେ, "ରାଜକୁମାରୀ, ମୁଁ ମନେ ମନେ ତୁମ୍ଭଙ୍କୁ ଯେଉଁ ରୂପରେ ଦେଖିଥିଲି ତୁମ୍ଭେ ସେହିପରି ଅଟ। ସାକ୍ଷାତେ ତୁମ୍ଭେ ଜଣେ ସ୍ୱର୍ଗରୁ ଆସିଥିବା ଦେବୀ। ଏ ସୌମ୍ୟାରୂପୀ ପୃଥିବୀକୁ ଅବତରଣ କରିଅଛ। ହେ ଆମ୍ଭର ସୁବାନ୍ଧବୀ, ସସ୍ନେହେ ମୋର ପ୍ରଣାମ ନିଅ। ତୁମ୍ଭ ଯୋଗୁଁ ଆମ୍ଭର ବିବାହ ସମ୍ଭବ ହେଉଅଛି।"**

**ଏହା ଶୁଣି ମୁଁ ଉତ୍ତର ଦେଲି, "ହେ ମୋ ବାନ୍ଧବୀପତି, ତୁମ୍ଭେ କେବଳ ମୋ ସଖୀର ଭାବୀପତି ନୁହଁ। ତୁମ୍ଭେ ମୋର ଜ୍ୟେଷ୍ଠ ଭ୍ରାତା ସମ ଓ ଦେଢଶୁର ପୁନଃ ହେବାକୁ ଯାଉଛ। ତେଣୁ ପ୍ରଥମେ ତୁମ୍ଭେ ମୋର ପ୍ରଣାମ ପାଇବାର ଯୋଗ୍ୟ। ମୁଁ ତୁମ୍ଭକୁ ନମସ୍କାର କରୁଛି ଓ କହୁଛି ଯେ ଆଉ ବିଳମ୍ବ ନ କରି ମୋ ସଖୀ ସହ ଯାହା କଥା ଅଛି, ଗୋପନରେ ତାହା କର। ମୁଁ ଦୂରକୁ ଯାଉଛି। କିନ୍ତୁ ଜଣାଇଦେଉଛି ଯେ ଏ ଲୋକାରଣ୍ୟ ସ୍ଥାନ ଉପଯୁକ୍ତ ନୁହେଁ। ତେଣୁ ଶୀଘ୍ର ଶେଷ କର।" ଏହା କହି ମୁଁ କିଛି ଦୂରକୁ ଯାଇ ସେଠାରେ କିଛି କରୁଥିବା ଆଳରେ ଦଣ୍ଡାୟମାନ ହୋଇ ରହିଛି। ଦେଖିଲି ହସହସରେ କଥା ଶେଷ ହେବାର ନାମ ନେଉନାହିଁ। ତେଣୁ ସେମାନଙ୍କ ପାଖକୁ ଯାଇ କହିଲି, "ଏବେ ଶେଷ କର। ସୁହାସୀ ଚାଲେ ଯିବା।" ସେମାନେ ପରସ୍ପରକୁ ଦେଖି ଦେଖି ଅଲଗା ହେଲେ। ମୁଁ ଓ ସୁହାସୀ ବିଶ୍ରାମଗାରକୁ ଆନଂଦିତ ହୋଇ ଗଲୁ।**

ବିଶ୍ରାମାଗାରରେ ପହଞ୍ଚି ମୁଁ ସୁହାସୀକୁ ପଚାରିଲି, " ଆରେ କହ, ତୁ ତାଙ୍କ ସହ କି କି ପ୍ରେମାଳାପ କରୁଥିଲୁ ?" ସୁହାସୀ ଲାଜେଇ ଯାଇ କିଛି କହିଲା ନାହିଁ। ମୁଁ କହିଲି "ଦେଖିବାକୁ ଅତି ସୁଂଦର। ପୁଣି ଜଣେ ରସିକ।" ଉଭୟେ ହସିଚାଲିଲୁ।

ସମାବର୍ତ୍ତନ ଉତ୍ସବର ପରଦିନ ଆମ୍ଭ ଶାଶୁଶ୍ୱଶୁରମାନେ ଆଚାର୍ଯ୍ୟ ଓ ଗୁରୁମାତାଙ୍କୁ ସାଥିରେ ନେଇ ବିବାହର ବ୍ୟବସ୍ଥା କରିବାପାଇଁ ଧୂମାତ ଶାସନ ଚାଲିଗଲେ। ତାହାର ତିନି ଦିନପରେ ଆମ୍ଭ ସମସ୍ତଙ୍କୁ ସେଠାକୁ ଯିବାକୁ ହେବ।

### ୬୩. ବିବାହ ସମ୍ପନ୍ନ ଓ କର୍ମକ୍ଷେତ୍ରରେ ଦୁଇ ଦମ୍ପତି

ବିବାହ ନିମିତ୍ତ ଉଦ୍ଦିଷ୍ଟ ଦିବସର ପୂର୍ବଦିନ ପ୍ରାତଃ କାଳରେ ଆମ୍ଭେ ସମସ୍ତେ ଆମ୍ଭର ଶ୍ୱଶୁରଙ୍କ ଗ୍ରାମ ଧୂମାତ ଶାସନ ଅଭିମୁଖେ ଯାତ୍ରା କଲୁ। ଅପାର ପ୍ରାକୃତିକ ସମ୍ଭାର ସଂଦର୍ଶନ କରିବା ପୂର୍ବକ ମହାନଦୀ ଓ ବିରୂପା ନଦୀଦ୍ୱୟର ଅବବାହିକା ଅତିକ୍ରମ କରି ରତ୍ନଗିରି ଠାରୁ ପ୍ରାୟ ଏକ ଯୋଜନ ଦୂରରେ ଥିବା ଏହି ସୁଂଦର ଗ୍ରାମରେ ଉପନୀତ ହେଲୁ। ଗ୍ରାମର ଉପକଣ୍ଠରେ ଅବସ୍ଥିତ ବନାନୀ ବେଷ୍ଟିତ ଚଣ୍ଡୀମାତାଙ୍କ ମଂଦିର ନିକଟରେ ଆମ୍ଭମାନଙ୍କପାଇଁ ଅସ୍ଥାୟୀ ବାସସ୍ଥଳି, ବିବାହ ମଣ୍ଡପ ଆଦି ନିର୍ମାଣ କରାଯାଇଥିଲା। ଅତଃ ଏହାଥିଲା ଆମ୍ଭ ଦୁଇକନ୍ୟାଙ୍କ ବାସସ୍ଥାନ ଓ ବରଦ୍ୱୟ ବିଭିନ୍ନ କର୍ମଆଦି ସଂପାଦନ କରିବାପରେ ନିଜ ନିଜ ଗୃହରୁ ଏଠାକୁ ଆସିବେ। ଏଠାରେ ବିବାହ କାର୍ଯ୍ୟ ସମାପନ ହେବ।

ବିବାହ ପୂର୍ବଦିନ ଯେଉଁସବୁ କର୍ମକର୍ମାଣି ସମାପନ କରିବା କଥା ତାହା କରାଗଲା। ତା'ପରଦିନ ବରଦ୍ୱୟ ଗ୍ରାମର ପ୍ରସିଦ୍ଧ ମୁକ୍ତେଶ୍ୱର ଶିବ ମଂଦିରରେ ପୂଜାଦି କରି ବିବାହସ୍ଥଳୀକୁ ଅଶ୍ୱପୃଷ୍ଠରେ ବସି ଆସିଲେ। ସାଥିରେ ସେମାନଙ୍କ ସଂପର୍କୀୟ ଓ ସାଥୀଲୋକ ବାଦ୍ୟାଦି ସହ ସମାରୋହରେ ସଂଯୁକ୍ତ ଥିଲେ। ପୁରୋହିତଙ୍କ ମନ୍ତ୍ରଗାନ ଓ ବିଭିନ୍ନ କର୍ମକର୍ମାଣି କରାଯାଇ ଅପରାହ୍ନ ସମୟକୁ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଦୁଇ ଦମ୍ପତି ଚଣ୍ଡୀମାତାଙ୍କ ପାଦରେ ସାଷ୍ଟାଙ୍ଗ ପ୍ରଣିପାତ କରି ଆଶୀର୍ବାଦ ନେଲୁ ଓ ଆମ୍ଭେ ଦୁହେଁ ପତିଦ୍ୱୟଙ୍କ ସହ ମିଶି ନିଜନିଜ ଶ୍ୱଶୁରାଳୟକୁ ଗମନ କଲୁ।

ଏହି ବିବାହ ଉତ୍ସବ ମହା ସମାରୋହରେ ଆୟୋଜିତ ହୋଇଥିଲା। ସମସ୍ତ ଗ୍ରାମ ତଥା ବିବାହ ସ୍ଥଳୀ ବିଭିନ୍ନ ରଂଗରେ ସଜ୍ଜିତ ହୋଇ ଆକର୍ଷଣୀୟ ହୋଇଥିଲା। ନିକଟ ପାଞ୍ଚ ଗ୍ରାମର ଲୋକଙ୍କ ସହ ଧୂମାତିଶାସନର ସମସ୍ତ ବ୍ୟକ୍ତିଙ୍କୁ ବିବାହ ଉତ୍ସବକୁ ନିମନ୍ତ୍ରିତ କରାଯାଇଥିଲା। ପ୍ରଭାତରୁ ଅନେକ ପାଚକ ସୁସ୍ୱାଦକର ଭୋଜନ ପ୍ରସ୍ତୁତି ବିଳମ୍ବିତ ଅପରାହ୍ନ ପର୍ଯ୍ୟନ୍ତ କରିଚାଲିଥାଆନ୍ତି। ସମସ୍ତେ ଭୋଜନ କରୁଥାଆନ୍ତି।

ଆମ୍ଭର ପୁଷ୍ପଗିରି ବିଶ୍ୱବିଦ୍ୟାପୀଠର ସମସ୍ତ ସ୍ଥାନରୁ ଅଧ୍ୟାପକମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। ସେମାନେ ବିବାହ ସ୍ଥଳକୁ ଆସିବା ଯିବା ନମିତ୍ତ ଯାନମାନଙ୍କର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କୁଳପତି ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ନିମନ୍ତ୍ରଣ ପାଇ ଆମ୍ଭମାନଙ୍କୁ ଆଶୀର୍ବାଦ ଦେବାପାଇଁ ଆସିଥିଲେ। ଲଳିତଗିରିରୁ ଆମ୍ଭ ତିନିଙ୍କ ବଂଧୁ ଓ ବାଂଧବୀମାନେ ଯିବାଆସିବାପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେଠାରୁ ଆସିବାପାଇଁ ଅସୁବିଧା କେତେକ ମନେ କରୁଥିଲେ। ତେଣୁ ଲଳିତଗିରିର ସମସ୍ତ ଅନ୍ତେବାସୀଙ୍କପାଇଁ ଭୋଜନର ବ୍ୟବସ୍ଥା ଆମ୍ଭେ ଆସିଲା ଦିନ କରାଇକରି ଆସିଥିଲୁ । ତେଣୁ କେବଳ ଆମ୍ଭର ଅତିପ୍ରିୟ କେତେକ ସାଥୀ ବିବାହ ଉତ୍ସବରେ ଯୋଗ ଦେଇଥିଲେ। ସଂଧ୍ୟା ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହୋଇଗଲା ଓ ଆମନ୍ତ୍ରିତ ଅତିଥିମାନେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ।

ମଂଜୁଳିକା ଓ ଶୁଭ୍ରକାନ୍ତ ବିଦ୍ୟାପୀଠରୁ ଆମନ୍ତ୍ରିତ ସମସ୍ତ ଅତିଥିଙ୍କ ଯାତାୟତ ଦାୟିତ୍ୱ ନେଇଥିଲେ। ସେ ଦ୍ୱୟ ଆମ୍ଭ ସାଥିରେ ଏଠାକୁ ଆସି ଆବଶ୍ୟକୀୟ ସମସ୍ତ କାର୍ଯ୍ୟ ନିର୍ବାହନ କରିଥିଲେ। ଆମ୍ଭ ବିବାହ କାର୍ଯ୍ୟ ଶେଷହେବା ପରେ ଆମ୍ଭଠାରୁ ବିଦାୟ ନେଇ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ। ମଂଜୁଳା ଅଶ୍ରୁଳ ନୟନରେ ମୋତେ କହିଲା, "ସଖୀ ତୁ ଚାଲିଯିବୁ ମୋ ହୃଦୟ ବିଦାରିତ ହେଉଅଛି। ସୁହାସୀ ତ ମୋ ନିକଟରେ ରହିଲା। ତା' ସହ ନିୟମିତ ସଂପର୍କ ରହିବ। କିନ୍ତୁ ତୋର ବିଚ୍ଛେଦ ମୋତେ କଷ୍ଟାଘାତ କରୁଅଛି। ଯାହା ହେଉ, ଆସନ୍ତା ମାର୍ଗଶୀରରେ ମୁଁ ପତିଙ୍କ ସହ ଆସି କିଛିମାସ ଯବଦ୍ୱୀପରେ ରହିବି।" ମୁଁ କହିଲି, "ଏହା ମୋର ଆନଂଦ ଓ ସୌଭାଗ୍ୟ ହେବ।" ସେ ଦୁଃଖିତ ହୋଇ ଆମ୍ଭଠାରୁ ବିଦାୟ ନେଲା।

ଏହାପରେ ବିବାହର ଦୁଇ ଦିନ ଅନ୍ତେ ମୋ ଶାଶୁମା ମୋତେ କହିଲେ, "ପୁତ୍ରୀ, ଏକ ସୁଖଦ ସମ୍ବାଦ ଆଣିଛି। ସାରା ଧୂମାତ ଶାସନ ଗର୍ବିତ। କୁଳପତି ମହାଶୟ ଏକ ପତ୍ର ପ୍ରେରଣ କରି ସୁହାସିନୀଙ୍କୁ ରତ୍ନଗିରିରେ ଅଧ୍ୟାପିକା ପଦରେ ନିଯୁକ୍ତି ଦେଇଛନ୍ତି। ଏହା ଆମ୍ଭପାଇଁ ଅତୀବ ଆନଂଦ ଓ ଗର୍ବର ବିଷୟ।" ମୁଁ ଶୁଣି ଆନଂଦରେ ବିଭୋର ହୋଇଗଲି। କିନ୍ତୁ କହିଲି, "ମାତେ ମୁଁ ନବ ବଧୂ ହେତୁ ତା' ଘରକୁ ଯିବା ଉପଯୁକ୍ତ ହୋଇ ନ ପାରେ।" ଶୁଣି ମାତା କହିଲେ, "ତୁମ୍ଭେ ଚିନ୍ତା କରନାହିଁ। ଶିରରେ ଥିବା ଓଢଣୀକୁ କିଛି ଆଗକୁ ନେଇଯାଅ ଓ ମୋ ସାଥିରେ ଆସ। ଏହି ତ ତା'ଘର ୧୦-୧୨ ପାହୁଣ୍ଡର ପଥ।" ଆନନ୍ଦିତ ହୋଇ ମୁଁ ତାଙ୍କ ସହ ସୁହାସୀ ପାଖକୁ ଗଲି।

**ସୁହାସୀକୁ ଦେଖି ଆନଂଦରେ ଗଳାରେ ଲଗାଇ ଅଭିନଂଦନ ଜଣାଇ କହିଲି, "ଏହା ମୋ ପାଇଁ ଏକ ଗର୍ବର ବିଷୟ ଯେ ମୋ ସଖୀ ଏତେ ବଡ ଆସନର ଅଧିକାରିଣୀ ହୋଇପାରିଲା।" ସୁହାସୀ କହି ଉଠିଲା, " ଅପେକ୍ଷା କର। ତୁ ଯବଦେଶରେ ମୋ' ଠାରୁ ବଡ ପଦବୀରେ ଅଭିଷିକ୍ତା ହେବୁ।" ମୁଁ ପ୍ରକୃତିସ୍ଥ ହୋଇ ସେଠାରେ ଦୁଇ ମାତାଙ୍କ ଉପସ୍ଥିତିରେ କ୍ଷମା ମାଗି କହିଲି। "ମାତେ, ପୂର୍ବ ସଂବଧ ମନରେ ଆସିବାରୁ ମୁଁ ମୋ ନୂତନ ସଂବଧର ଅବମାନନା କରିଛି, ମୋ ସଖୀ ବର୍ତ୍ତମାନ ମୋର ବଡ ଯାଆ ହେତୁ ବଡ ଭଗିନୀ ସଦୃଶ। ତେଣୁ ଏପରି ସଖୀ ଭଳି ବ୍ୟବହାର କରିବା ମୋ ପକ୍ଷେ ଅନୁଚିତ ଅଟେ।" ଗୁରୁମାତା ଚାରୁଶିଳା ରୁଷ୍ଟ ହୋଇ କହିଲେ, "ପୁତ୍ରୀ ତୁମ୍ଭର ଏଭଳି ଚିନ୍ତା ଅନୁପଯୁକ୍ତ ଅଟେ। ବାଲ୍ୟକାଳରୁ ଏକ ପ୍ରାଣ ହୋଇ ଦୁହେଁ ପବିତ୍ର ବଂଧୁତାରେ ଯେପରି ଆବଦ୍ଧ ଥିଲ, ବିବାହ ପରେ ତାହା କିପରି ପରିବର୍ତ୍ତିତ ହୋଇଯିବ ? ତୁମ୍ଭେ ଯାହା ଥିଲ ତାହା ହୋଇ ରହ। ତାହା ଦେଖିଲେ ଆମ୍ଭେମାନେ ଏପରି ବଂଧୁତା ଦେଖି ସର୍ବଦା ଆନଂଦ ଅନୁଭବ କରୁଥିବୁ।" ମୋ ଶାଶୁମା ସମ୍ମତ ହୋଇ ସେପରି କହିଲେ। ମୁଁ ସେମାନଙ୍କୁ ହାତଯୋଡି ଆଭାର ପ୍ରକଟ କଲି।**

ବିବାହର ଦଶଦିନ ଅନ୍ତେ ଦଶମଂଗଳା କାର୍ଯ୍ୟକ୍ରମସହ ବିବାହରେ ସମସ୍ତ କର୍ମକର୍ମାଣି ସମାପ୍ତ ହେଲା। ଦ୍ୱାଦଶ ଦିନ ଉଭୟ ନବ ଦମ୍ପତି ନିଜ ନିଜ କର୍ମ କ୍ଷେତ୍ରକୁ ପ୍ରସ୍ଥାନ କରିବା ନିମିତ୍ତ ପୂର୍ବରୁ ପଞ୍ଜିକା ଅନୁଯାୟୀ ଉଦ୍ଦିଷ୍ଟ କରାଯାଇ ଥିଲା। ମୋ ପିତାମାତାଙ୍କ ସହ ଆମ୍ଭେ ଦୁଇ ପୁତ୍ରବଧୂ ଯବଦେଶ ଯିବାର ସମସ୍ତ ପ୍ରସ୍ତୁତି କରିଥିଲୁ। ପୂର୍ବରୁ ମୋର ଓ ସୁହାସୀର ଶାଶୁଶ୍ୱଶୁରଙ୍କୁ ଆମ୍ଭ ସହିତ ଯବଦେଶ ଯିବାପାଇଁ ଅନୁରୋଧ କରିଥିଲି। କିନ୍ତୁ ସେମାନେ କିଛି ମାସପରେ ଆଶ୍ୱିନ ମାସରେ ବାଣିଜ୍ୟ ବୋଇତ ଯିବା ସମୟରେ ସୁହାସୀ ଓ ଭ୍ରାତା ମଂଜୁନାଥଙ୍କ ସାଥିରେ ଯିବେ ବୋଲି କହିଥିଲେ।

ଉଦ୍ଦିଷ୍ଟ ଦିନ ସମସ୍ତେ ଗୃହରୁ ବାହାରିଲୁ। ରତ୍ନଗିରି ଯିବା ପଥରେ ନଦୀରେ ଆମ୍ଭ ବୋଇତ ରହିଥିଲା ସେଠାକୁ ଯାଇ ସମସ୍ତେ ଆମ୍ଭମାନଙ୍କୁ ଅଶ୍ରୁଳ ବିଦାୟ ଦେଲେ। ସୁହାସୀ ତା'ପତି ସେଠାରୁ ରତ୍ନଗିରି ଗଲେ। ପରଦିନ ସୁହାସୀ ଅଧ୍ୟାପିକା ଭାବେ କାର୍ଯ୍ୟରେ ଯୋଗଦେଲା। ଆମ୍ଭ ଜୀବନର ଏକ ମୁଖ୍ୟ ଅଧ୍ୟାୟର ପରିସମାପ୍ତି ଘଟିଲା। (କ୍ରମଶଃ)



ହୃଷୀକେଶ ପାଣିଗ୍ରାହୀ
ମୌଦା, ସୋସ, କେନ୍ଦୁଝର
ମୋ: ୮୨୪୯୫୮୬୨୦୭

# ଶୀର୍ଷକ: ଓଡ଼ିଶାର ନାଁ ଓଡ଼ିଶା କାହିଁକି ?

ଅତୀତରେ ଓଡ଼ିଶାକୁ ଉଡ୍ର (ବା ଓଡ୍ର), କଳିଙ୍ଗ ଉତ୍କଳ ଏବଂ କୋଶଳ ରାଜ୍ୟ ନାମରେ ଜଣା ଯାଉଥିଲା। ଅନ୍ୟ କେତୋଟି ନାମ ଯଥା ତୋସଳୀ (ଅଶୋକ କାଳର ପ୍ରଶାସନିକ କେନ୍ଦ୍ର), ମହାକାନ୍ତାର (ମହାନ୍ ଜଙ୍ଗଲ), କଙ୍ଗୋଡ଼ ଆଦି ନାମ ମଧ୍ୟ ବ୍ୟବହୃତ ହୋଇଥିଲା। ଏହି ନାମଗୁଡ଼ିକର ପୌରାଣିକ ଏବଂ ଐତିହାସିକ ପ୍ରମାଣ ମଧ୍ୟ ମିଳେ। ତେବେ ୧୯୩୬ ମସିହାରେ ବିହାର ଓ ଓଡ଼ିଶା ମିଳିତ ପ୍ରଦେଶରୁ ପୃଥକ ହୋଇ ଓଡ଼ିଶା ଯେତେବେଳେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା, ସେଇ ସମୟରେ ଏହାର ନାମ କାହିଁକି 'ଓଡ଼ିଶା' ରଖାଯାଇଥିଲା ଉଡ୍ର, କଳିଙ୍ଗ, ଉତ୍କଳ, କୋଶଳ ଆଦି ନାମରେ ସମସ୍ୟା କଣ ଥିଲା ଅତୀତରେ ବ୍ୟବହୃତ ନାମଗୁଡ଼ିକର ସୀମିତ ପରିସର କାରଣରୁ ସ୍ୱତନ୍ତ୍ର ରାଜ୍ୟ ପାଇଁ ଚୟନ କରାଗଲା ନାହିଁ। ଯେପରି 'କଳିଙ୍ଗ' ନାମଟି ପ୍ରାଚୀନ କାଳରେ ଓଡ଼ିଶା ସହିତ ଆନ୍ଧ୍ରପ୍ରଦେଶର କିଛି ଅଂଶକୁ ମଧ୍ୟ ଅନ୍ତର୍ଭୁକ୍ତ କରୁଥିଲା। ସ୍ୱତନ୍ତ୍ର ରାଜ୍ୟ ଗଠନ ସମୟରେ କେବଳ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ଲକ୍ଷ୍ୟ ଥିବାରୁ, କଳିଙ୍ଗ ନାମ ଅତ୍ୟଧିକ ବ୍ୟାପକ ହେବନାହିଁ ବୋଲି ବିବେଚନା କରାଗଲା। 'ଉତ୍କଳ' ନାମ କଳିଙ୍ଗର ଉତ୍ତର ଭାଗ, ବିଶେଷତଃ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଅଞ୍ଚଳକୁ ସୂଚିତ କରୁଥିଲା। ଏହା ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧିତ୍ୱ କରୁନଥିଲା। ତଥାପି ଉତ୍କଳ ନାମର ସାଂସ୍କୃତିକ ଗୁରୁତ୍ୱ ରହିଥିଲା ଏବଂ ଏହା ଜାତୀୟ ସଙ୍ଗୀତରେ ଉଲ୍ଲେଖିତ, କିନ୍ତୁ ଏହା ସମଗ୍ର ରାଜ୍ୟର ପରିଚୟ ପାଇଁ ଯଥେଷ୍ଟ ନଥିଲା। 'କୋଶଳ' ନାମ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ଅଂଶକୁ ସୂଚିତ କରୁଥିଲା। ଏହା ମଧ୍ୟ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧିତ୍ୱ କରୁନଥିଲା ଏବଂ ରାମାୟଣରେ ଏହାର ପୌରାଣିକ ସମ୍ପର୍କ ଥାଇ ମଧ୍ୟ, ଏହା ଆଧୁନିକ ରାଜ୍ୟର ସମ୍ପୂର୍ଣ୍ଣ ପରିଚୟ ପାଇଁ ଉପଯୁକ୍ତ ନଥିଲା। 'ଉଡ୍ର', ଏହା ମୂଳତଃ ଏକ ଜନଜାତିର ନାମ ଥିଲା ଏବଂ ଏହା ସମଗ୍ର ଅଞ୍ଚଳର ପରିଚୟକୁ ପୂର୍ଣ୍ଣ ରୂପେ ପ୍ରତିଫଳିତ କରୁନଥିଲା। କଳିଙ୍ଗ, ଉତ୍କଳ, କୋଶଳ, ଉଡ୍ର ଭଳି ନାମଗୁଡ଼ିକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଐତିହାସିକ ପରିସର ସହିତ ଜଡ଼ିତ ଥିବାରୁ, ସମଗ୍ର ରାଜ୍ୟର ସାଂସ୍କୃତିକ ଓ ଭାଷାଗତ ଏକତାକୁ ପ୍ରତିନିଧିତ୍ୱ କରୁନଥିଲା। ତେବେ ଓଡ଼ିଶା କାହିଁକି ?

ଓଡ଼ିଶା ନାମର ମୂଳ ପ୍ରାଚୀନ 'ଓଡ୍ର' ବା 'ଉଡ୍ର' ଶବ୍ଦରୁ ଉଦ୍ଭବ ହୋଇଛି। ଓଡ୍ର ଏକ ଜନଜାତି, ଯେଉଁମାନେ ମହାନଦୀ ଉପତ୍ୟକାରେ ବାସ କରୁଥିଲେ। ଏହି ଜନଜାତିର ନାମରୁ ଓଡ୍ରଦେଶ, ଓଡ୍ରବିଷୟ, ଉଡିବିଷା ଓ ଉଡ୍ଡିଶା ଭଳି ନାମଗୁଡ଼ିକ କ୍ରମେ ବିକଶିତ ହୋଇ ଆଧୁନିକ 'ଓଡ଼ିଶା'ରେ ପରିଣତ ହେଲା। ଏହି ନାମ ଓଡ଼ିଆ ଭାଷା ଓ ଜାତିର ପରିଚୟ ସହିତ ଗଭୀର ଭାବେ ଜଡ଼ିତ। ସ୍ୱତନ୍ତ୍ର ରାଜ୍ୟ ଗଠନ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ରିତ କରିବା ପାଇଁ 'ଓଡ଼ିଶା' ନାମଟି ସବୁଠାରୁ ଉପଯୁକ୍ତ ଥିଲା, କାରଣ ଏହା ସମଗ୍ର ଓଡ଼ିଆ ଜାତିର ଐକ୍ୟକୁ ପ୍ରତିଫଳିତ କରୁଥିଲା। ଓଡ଼ିଶା ନାମଟି: ଭାଷାଗତ ଏକତା, ଐତିହାସିକ ଧାରାବାହିକତା ଓ ସାଂସ୍କୃତିକ ପରିଚୟକୁ ଅଧିକ ପ୍ରତିନିଧିତ୍ୱ କରୁଥିଲା। ଐତିହାସିକ କାଳରୁ ମଧ୍ୟ 'ଓଡ଼ିଶା' ନାମ ବ୍ୟବହୃତ ହୋଇଆସୁଥିଲା। କପିଳେନ୍ଦ୍ର ଦେବଙ୍କ ଜଗନ୍ନାଥ ମନ୍ଦିର ଲିପି (୧୪୪୩)ରେ 'ଓଡ଼ିଶାରାଜ୍ୟ'ର ଉଲ୍ଲେଖ ରହିଛି। ମୁସଲମାନ ଭୂଗୋଳବିତମାନେ ଏହାକୁ 'ଉର୍ସଫିନ୍' ବା 'ଉର୍ଦ୍ଦବିଶାଉ' କହୁଥିଲେ, ଯାହା ଓଡ଼ିଶାର ବିକୃତ ରୂପ ଥିଲା। ୧୯୩୬ ମସିହାରେ ଏହା 'ଓରିସା' ନାମରେ ପରିଚିତ ହେଲା। ୨୦୧୧ରେ ବ୍ରିଟିଶ ଶାସନ କାଳରୁ ପ୍ରଚଳିତ 'ଓରିସା'କୁ 'ଓଡ଼ିଶା' ଏବଂ 'ଓରିୟା'କୁ 'ଓଡ଼ିଆ' ଭାବେ ଭାରତ ସଂସଦ ଦ୍ୱାରା ପରିବର୍ତ୍ତନ କରାଗଲା। ଏହା ଓଡ଼ିଆ ଭାଷା ଓ ସଂସ୍କୃତିର ମୂଳ ଉଚ୍ଚାରଣ ଓ ପରିଚୟକୁ ସଠିକ୍ ଭାବେ ପ୍ରତିଫଳିତ କରିବା ପାଇଁ କରାଯାଇଥିଲା।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ଭାରତର ବର୍ତ୍ତମାନର ସ୍ଥିତି : ଆହ୍ୱାନ ଏବଂ ସୁଯୋଗ (୧)


ଭାରତ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠୀ (IMF) ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬.୬% ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ଏହାକୁ ବିଶ୍ୱର ଦ୍ରୁତତମ ବର୍ଦ୍ଧିଷ୍ଣୁ ଅର୍ଥନୀତି ମଧ୍ୟରୁ ଅନ୍ୟତମ କରିଛି। ନାମମାତ୍ର GDP ଦୃଷ୍ଟିରୁ ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ପାଲଟିଛି। ତଥାପି, ଦେଶ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। ଦାରିଦ୍ର୍ୟ ହେଉଛି ଏକ ମୁଖ୍ୟ ସମସ୍ୟା, ଯାହା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇ ରହିଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟା ରହିଛି, ଯେପରିକି ଗୁଣାତ୍ମକ ଶିକ୍ଷାର ଅଭାବ ଏବଂ ଅନେକ ସ୍ନାତକଙ୍କର ନିଯୁକ୍ତି ଯୋଗ୍ୟତା ନଥିବ। ଏହା ସହିତ, ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ଭାବରେ ରହିଛି, ଯାହା ପିଲାମାନଙ୍କୁ ଶିକ୍ଷା ଅଧିକାରରୁ ବଂଚିତ କରୁଛି। ସରକାର ଲୋକାଭିମୁଖୀ ନୀତି ମାଧ୍ୟମରେ ଏହି ସମସ୍ୟାଗୁଡିକର ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୁପ, ଓଡିଶାରେ ଦାରିଦ୍ର୍ୟ ହାର ହ୍ରାସ ପାଇଛି ଏବଂ ରାଜ୍ୟର GDP ବୃଦ୍ଧି ପାଉଛି। ଭାରତ ନିଜର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ପ୍ରତିବଦ୍ଧ। ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅର୍ଥନୀତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ତେବେ, ସମସ୍ତ ନୀତି ସଫଳ କାର୍ଯ୍ୟକାରିତା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ମିଳିତ ପ୍ରୟାସ, ସଠିକ୍ ନୀତି ଏବଂ ସାମାଜିକ ସଚେତନତା ମାଧ୍ୟମରେ ଭାରତ ଏହାର ସମସ୍ତ ଆହ୍ୱାନକୁ ଅତିକ୍ରମ କରି ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହେବାର ସମ୍ଭାବନା ରହିଛି। ଭାରତର ବିଭିନ୍ନ କ୍ଷେତ୍ରରେ ଥିବା ବର୍ତ୍ତମାନର ସ୍ଥିତିକୁ ନେଇ ଆଉ କିଛି ତଥ୍ୟ ନିମ୍ନରେ ପ୍ରଦାନ କରାଯାଇଛି। **କୃଷି କ୍ଷେତ୍ରର ଆହ୍ୱାନ-** କୃଷି ଭାରତୀୟ ଅର୍ଥନୀତିରେ ମେରୁଦଣ୍ଡ ହୋଇଥିବାବେଳେ ଏହା ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନିୟମିତ ବର୍ଷା, ମରୁଡି ଏବଂ ବନ୍ୟା ପରିସ୍ଥିତି ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ଉଚିତ ମୂଲ୍ୟର ଅଭାବ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଉଛି। ସରକାର କୃଷି ଭିତ୍ତିଭୂମିର ଉନ୍ନତି, ଜଳସେଚନ ସୁବିଧା ବୃଦ୍ଧି ଏବଂ ଫସଲ ବୀମା ଯୋଜନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। **ନିଯୁକ୍ତି ସମସ୍ୟା :** ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ, ଭାରତରେ ନିଯୁକ୍ତି ସୃଷ୍ଟି ହାର ଆଶାନୁରୂପ ନୁହେଁ। ବହୁ ସଂଖ୍ୟାକ ଯୁବକ ଶିକ୍ଷିତ ହେଉଥିଲେ ମଧ୍ୟ, ସେମାନଙ୍କ ପାଇଁ ଉପଯୁକ୍ତ ଚାକିରି ସୁଯୋଗ ସୀମିତ ରହିଛି। ଏହା ବେକାରୀ ସମସ୍ୟାକୁ ଜଟିଳ କରୁଛି। ସରକାର 'ମେକ୍ ଇନ୍ ଇଣ୍ଡିଆ' (Make in India) ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ (Startup India) ପରି ଯୋଜନା ମାଧ୍ୟମରେ ଶିଳ୍ପ ବିକାଶ ଓ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। **ସ୍ୱାସ୍ଥ୍ୟସେବା ଭିତ୍ତିଭୂମି :** କୋଭିଡ-୧୯ ମହାମାରୀ ଭାରତର ସ୍ୱାସ୍ଥ୍ୟବୀମା ଭିତ୍ତିଭୂମିରେ ଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଛି। ଡାକ୍ତରଖାନା, ଡାକ୍ତର ଏବଂ ନର୍ସମାନଙ୍କର ଅଭାବ ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ଦେଖାଯାଏ। ସ୍ୱାସ୍ଥ୍ୟ ବଜେଟ୍ ବୃଦ୍ଧି ଏବଂ 'ଆୟୁଷ୍ମାନ ଭାରତ' (Ayushman Bharat) ପରି ଯୋଜନା ମାଧ୍ୟମରେ ସରକାର ସମସ୍ତଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରୟାସ କରୁଛନ୍ତି। **ଜଳବାୟୁ ପରିବର୍ତ୍ତନ :** ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ଏକ ବଡ ବିପଦ। ସମୁଦ୍ର ପତନ ବୃଦ୍ଧି, ଅତ୍ୟଧିକ ଖରା ଏବଂ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାରତା ବୃଦ୍ଧି ପାଉଛି। ଭାରତ ଅକ୍ଷୟ ଶକ୍ତି, ବିଶେଷ କରି ସୌର ଶକ୍ତିର ଉପଯୋଗକୁ ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ନେଉଛି ଏବଂ ଅନ୍ତର୍ଜାତୀୟ ସୌର ଶକ୍ତି ମେଣ୍ଟ (International Solar Allience) ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। **ମହିଳା ସଶକ୍ତିକରଣ :** ମହିଳା ସଶକ୍ତିକରଣ କ୍ଷେତ୍ରରେ ଭାରତରେ ଉଭୟ ସଫଳତା ଏବଂ ଆହ୍ୱାନ ରହିଛି। ଶିକ୍ଷା ଏବଂ ନିଯୁକ୍ତିରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଉଥିବାବେଳେ, ଲିଙ୍ଗଗତ ବୈଷମ୍ୟ, ନିର୍ଯ୍ୟାତନା ଏବଂ ସୁରକ୍ଷା ସମସ୍ୟା ଏବେ ମଧ୍ୟ ବିଦ୍ୟାମାନ। 'ବେଟି ବଚାଓ ବେଟି ପଢାଓ' (Beti Bachao, Beti Padhao) ଭଳି ଯୋଜନା ମାଧ୍ୟମରେ ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି । **ବୈଦେଶିକ ନୀତି :(Foreign Rlùes). :** ଭାରତ ଏକ ଶକ୍ତିଶାଳୀ ବିଶ୍ୱ ଶକ୍ତି ଭାବେ ଉଭା ହେଉଛି। ଏହା ଆମେରିକା, ଋଷ ଏବଂ ୟୁରୋପୀୟ ଦେଶମାନଙ୍କ ସହିତ ଉତ୍ତମ ସମ୍ପର୍କ ବଜାୟ ରଖିଛି। ପଡୋଶୀ ଦେଶ, ବିଶେଷ କରି ପାକିସ୍ତାନ ଏବଂ ଚୀନ ସହିତ ସୀମା ବିବାଦ ଏବଂ କୂଟନୈତିକ ଆହ୍ୱାନ ରହିଛି। ଭାରତ ବିଶ୍ୱ ଶାନ୍ତି ଏବଂ ସହଯୋଗ ପାଇଁ ବିଭିନ୍ନ ଆନ୍ତର୍ଜାତୀୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରୁଛି। ଏହି ସମସ୍ତ କ୍ଷେତ୍ରରେ ଉନ୍ନତି ପାଇଁ ସରକାର, ନାଗରିକ ସମାଜ ଏବଂ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମ ଅତ୍ୟନ୍ତ ଆବଶ୍ୟକ। **ଭାରତର ବର୍ତ୍ତମାନର ସ୍ଥିତି : ଅର୍ଥନୀତି, କୃଷି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶର ପଥ** ଭାରତ ବର୍ତ୍ତମାନ ବିଶ୍ୱର ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଛି ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିର ବୃଦ୍ଧି ହାର ୬.୬ % ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF)ଆକଳନ କରିଛି। ଏହା ଭବରତକୁ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ କରିଛି। ଦେଶର ମୋଟ ଘରୋଇ ଉତ୍ପାଦ (GDP ଦୃଷ୍ଟିରୁ ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ପାଲଟିଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଅର୍ଥନୀତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ତେବେ, ଏହି ଅଭିବୃଦ୍ଧି ସତ୍ତ୍ୱେ, ଦେଶ ବିଭିନ୍ନ ଆହ୍ୱାନ ସମ୍ମୁଖୀନ ହେଉଛି। କୃଷି କ୍ଷେତ୍ର, ଯାହା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ, ଏବେ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛି। ଜଳବାୟୁ ପରିବର୍ତ୍ତନ, ମୃତିକା ଅବକ୍ଷୟ, ଜଳର ଅଭାବ ଏବଂ ବଜାର ସୁବିଧାର ଅଭାବ ଚାଷୀଙ୍କ ପାଇଁ ମୁଖ୍ୟ ଆହ୍ୱାନ ହୋଇ ରହିଛି। ଅନେକ ସ୍ଥାନରେ ଚାଷୀମାନେ ସାର ପାଇଁ ସଂଘର୍ଷ କରୁଛନ୍ତି। ଓଡିଶା ଭଳି ରାଜ୍ୟରେ ଜମିର କ୍ଷୁଦ୍ରୀକରଣ ଏକ ପ୍ରମୁଖ ସମସ୍ୟା, ଯେଉଁଠାରେ ୯୩% ଚାଷୀଙ୍କର ୨ ହେକ୍ଟରରୁ କମ୍ ଜମି ଅଛି। ଏହିସବୁ କାରଣରୁ ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଇବାରେ ଅସୁବିଧା ଭୋଗୁଛନ୍ତି। ନିଯୁକ୍ତି ସୁଯୋଗ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସରକାରୀ ରିପୋର୍ଟ ଅନୁଯାୟୀ, ବେକାରୀ ହାର ହ୍ରାସ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ଏବଂ ଶ୍ରମ ବଜାରରେ ଏକ ସକାରାତ୍ମକ ପରିବର୍ତ୍ତନ ଦେଖାଯାଉଛି। ଅଗଷ୍ଟ ୨୦୨୫ ସୁଦ୍ଧା ସର୍ବଭାରତୀୟ ବେକାରୀ ହାର ୫.୧%କୁ ଖସି ଆସିଛି। ତଥାପି, ଯୁବବର୍ଗଙ୍କ ମଧ୍ୟରେ ବେକାରୀ ହାର (୧୫-୨୯ ବର୍ଷ ବୟସ୍କ) ଏବେ ବି ଅଧିକ ରହିଛି(ପ୍ରାୟ ୧୪.୬), ଯାହା ଦକ୍ଷତାର ଅଭାବ (Skills Mismatch) କୁ ସୂଚାଉଛି। ଉଚ୍ଚଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ମଧ୍ୟ ବେକାରୀ ଏକ ସମସ୍ୟା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ଉନ୍ନତି ପାଇଁ ଉଦ୍ୟମ ଜାରି ରହିଛି। ଓଡିଶା ସରକାର ୪ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଏବଂ ଥିବା ଡାକ୍ତରଖାନାଗୁଡିକରେ ଉନ୍ନତିକରଣ ପାଇଁ ଘୋଷଣା କରିଛନ୍ତି। ତଥାପି, ଦେଶବ୍ୟାପୀ ସ୍ୱାସ୍ଥ୍ୟ ସଚେତନତାର ଅଭାବ, ସ୍ୱାସ୍ଥ୍ୟସେବାର ସୁପହଞ୍ଚ, ଡାକ୍ତରୀ କର୍ମଚାରୀଙ୍କ ଅଭାବ, ଏବଂ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବା ଭଳି ଆହ୍ୱାନ ରହିଛି। ସରକାର ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇବାକୁ ଚେଷ୍ଟା କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ଏକ ବଡ ବିପଦ। ତାପମାତ୍ରା ବୃଦ୍ଧି, ସମୁଦ୍ର ପତନ ବୃଦ୍ଧି ଏବଂ ଅନିୟମିତ ପାଣିପାଗ ଖାଦ୍ୟ ଉତ୍ପାଦନକୁ ପ୍ରଭାବିତ କରୁଛି। ଏହାକୁ ମୁକାବିଲା କରିବା ପାଇଁ ଓଡିଶା ଭାରତର ପ୍ରଥମ ରାଜ୍ୟ ଭାବରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ସରକାର ବିପର୍ଯ୍ୟୟ ପରିଚାଳନା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି କରୁଛନ୍ତି। ରାଜନୈତିକ କ୍ଷେତ୍ରରେ, ଜାତିଗତ ରାଜନୀତି ଏବଂ ଆଞ୍ଚଳିକ ପରିଚୟ (ଓଡିଆ ଅସ୍ମିତା) ଭଳି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସରକାରଙ୍କ ବିଭିନ୍ନ ନୀତିର ସଫଳ କାର୍ଯ୍ୟକାରିତା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ମିଳିତ ପ୍ରୟାସ, ଦୃଢ ରାଜନୈତିକ ଇଚ୍ଛାଶକ୍ତି ଏବଂ ସାମାଜିକ ସଚେତନତା ମାଧ୍ୟମରେ ଭାରତ ଏହାର ସମସ୍ତ ଆହ୍ୱାନକୁ ଅତିକ୍ରମ କରି ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହୋବର ସମ୍ଭାବନା ରହିଛି।

ବୈଦେଶିକ ସମ୍ପର୍କ ଏବଂ କ୍ରୀଡା କ୍ଷେତ୍ରରେ ଭାରତର ସ୍ଥିତି। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଇନ୍ଦ୍ରଧନୁରୁ ସାତ ରଙ୍ଗ ଆଣି

ହରିଶ୍ଚନ୍ଦ୍ର ବେହେରା



ଇନ୍ଦ୍ରଧନୁରୁ ସାତ ରଙ୍ଗ ଆଣି
ସଜେଇବି ତୋର ତନୁ
କୋଇଲିର କୁହୁ ଦେବି ତୋ କଣ୍ଠକୁ
ସୁଷମା ଆଣିବି ଜହ୍ନୁ ।୦।

ନିଶବଦ ଘରୁ ଆଣିବି ଶବଦ
ଅନ୍ତରୁ ଉଛୁଳା ପ୍ରୀତି
ଆକାଶରୁ ଭରା ନୀଳିମା ଆଣିବି
ଆ' ନୀଳ ସରସ୍ୱତୀ
ନାନା ଜାତି ଅଳଙ୍କାର ପିନ୍ଧେଇବି
ଭୂଲତାରେ କାମ ଧନୁ ।୧।

ଅଶିଣର ଧାନ କ୍ଷେତରୁ ଆଣିବି
ଶୁଆ ରଙ୍ଗୀ ପାଟ ଶାଢ଼ି
ଅଙ୍ଗ ଦେଶରୁ ଆଣିବି ତୋ ଲାଗି
ହରେକ ରଙ୍ଗର ଚୁଡ଼ି
ପାଦେ ବାନ୍ଧି ଦେବି ନୀଳ ନୂପୁର ମୁଁ
ବାଜୁ ଥିବ ରୁଣୁ ଝୁଣୁ ।୨।

ଆଉ କେଉଁ ଚିଜ ଲୋଡ଼ାଲୋ ପାଗଳୀ
କୁଣ୍ଡି ବାନ୍ଧିବାକୁ କହ
ବଣ ମଲ୍ଲୀ ଫୁଲ ସୁବାସ ଆଣିବି
ବାସୁଥିବୁ ମହ ମହ
ଆସିବୁ ବୋଲି ତ କେତେ କେତେ ରାତି
ଉଜାଗରେ କଟେ ଜାଣୁ ।୩।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ସମ୍ପର୍କର ସଂଜ୍ଞା

ମଞ୍ଜୁଲତା ସାହୁ



କେହି ଜଣେ ରହିଥାଏ
ଆଖି ପଲକରେ,
ନିଜ ଛାଇଠୁ ବି ଲାଗେ ଯିଏ
ଅଧିକ ନିଜର...
କୋଳାହଳରେ ସବୁଯାକ ସମୟ
କଟିବା ପରେ ବି
ଶୁଣିବାକୁ ଚାହେଁ ମନ
ଆଉ କାହା ସ୍ୱର...!!

ଯାବତୀୟ ରାଗ, ରୁଷା,
ଅଭିମାନ ପରେ
ହୃଦୟ ଚାହେଁ, କେହି ଜଣେ
ନିଅନ୍ତା ମନାଇ,
ଦୁନିଆର ସବୁ ଖୁସି
ପାଦତଳେ ଥାଏ
ତଥାପି କାହା ଅନୁପସ୍ଥିତିରେ
ମନ ପାଲଟି ଯାଏ ମଳାନଇ...!!

ସବୁ ଦୁଃଖ ପରେ ବି
କାହା କଥା ଭାବିଦେଲେ
ଓଠ ଧାରେ ହସ ଖେଳି ଯାଏ,
ବିଶ୍ୱାସରେ ଯେ ବିଷ ଭରି ଥାଏ
ଜାଣି ବି ଅବୁଝା ଏ ମନ
ସମ୍ପର୍କର ସଂଜ୍ଞା ଖୋଜୁଥାଏ...!!

ଢେଙ୍କାନାଳ
ମୋ-୯୪୩୭୬୮୬୯୦୨

## ସ୍ୱର୍ଗଦ୍ୱାର

ସୁଶୀଳ କୁମାର ପାଣିଗ୍ରାହୀ



ଫେରିଲା ପରେ
ସ୍ୱର୍ଗଦ୍ୱାର ଆଡକୁ ମୁହଁ କରି
କହିଲି:ଦିନେ ଆସିବି
ଏଇଠୁ ଏକାକୀ ବାହାରିପଡିବି
ଅନନ୍ତ ଯାତ୍ରାରେ

ଅନୁଭବ କଲି
କିଛି ଛାଡି ଆସିଛି ଭିତରେ

ଜଳୁଥିବା ଚିତାଗ୍ନିରେ
ଅହଂ ମୋର ଜଳିଯାଇଛି ବୋଧେ

ସାମ୍ନାରେ ସମୁଦ୍ରର
ଗଭୀରତା
ପାଖରେ ନଭଶ୍ଚୁମ୍ବୀ ଅଟ୍ଟାଳିକାର
ଉଚ୍ଚତା
ପାଦତଳେ ବାଲିକଣିକା ପରି

ମୁହୂର୍ତ୍ତ
ମୁଠାରେ ଧରି
ପଶିପାରିବିନି
ଖାଲି ହାତରେ ଆସିବାକୁ
ପଡିବ ମୋତେ

ଚିତା ଜୁଇର ଲୁଅ
ହଟାଇ ଦେଇଛି ମୋ ଆଖିର ଅନ୍ଧାର
ଜଳୁଥିବା କାଠ
ଉପାଡି ଦେଇଛି
ମୋହମାଟିରେ ପୋତିକରି ରଖିଥିବା
ମୋର ଦୁଇ ପାଦ
ଧୂଆଁ ଭିତରେ
ଦିଶୁଛି କେବଳ ନିଆଁର ତେଜ
ଏହା ସତ୍ୟ
ଏହା ହିଁ ସତ୍ୟ

ସ୍ୱର୍ଗଦ୍ୱାରରୁ ବାହାରିଲା ପରେ
ଲାଗୁଛି ମୋ ଭିତରେ
ଅଛି ଖାଲି ଗୋଟିଏ ମଣିଷ।

କଲ୍ୟାଣୀ ରେସିଡ଼େନ୍ସି, ଫ୍ଲାଟ୍-୨୦୩
ଜଲାନ ଗଳି, ସମ୍ବଲପୁର-୨
ଫୋନ୍-୮୧୪୪୨୨୮୨୦୨

## ଲାଜେଇ ପ୍ରିୟା

ପ୍ରଶାନ୍ତ କୁମାର ନାୟକ

ମନକଥା ଯେବେ ଖୋଲି କହିଦେଲି
ତୁମେତ ଲାଜେଇ ଗଲ,
ପ୍ରକୃତରେ ପ୍ରିୟା ତୁମ ସେ ଲାଜରେ
ମୋତେ ହିଁ ମାରିଦେଲ ।।

ମନ ଆକାଶଟା ଅଦିନେ ହଠାତ୍
ମେଘାଛନ୍ନ ହୋଇ ଉଠିଲା,
ପ୍ରେମ ସେହେନାଇ ମିଳନ ରାଗରେ
ବିମୋହିତ କରୁଥିଲା ।।

ଭିଜିବାଲାଗି ସେ ସେହେନାଇ ସୁରେ
ଇସାରା ତ କରୁଥିଲ,
ତୁମ ହାତ ଟିକେ ଧରିଦେଲି ବୋଲି
ତୁମେତ ଲାଜେଇ ଗଲ ।।

ଦୁହେଁ ଭାବୁଥିଲେ କହିବା ଦୁହିଁଙ୍କୁ
ଆପଣାର ହେବାପାଇଁ,
ହୃଦୟରେ କୋହ ମୁହେଁ ଲାଜରଖି
କହୁଥିଲ ହଁ ନାଇଁ ।।

ତୁମେ ଭାବୁଥିବା କଥାଟିକୁ ଯେବେ
ମୋ ମୁହଁରୁ ଶୁଣିଦେଲ,
ହସହସ ମୁଖେ ମୋ ମୁହଁକୁ ଚାହିଁ
ତୁମେତ ଲାଜେଇ ଗଲ ।।

ୟୁନିଟ୍-୫, ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

## ଉଦାରତା

ଅନସୂୟା ପଣ୍ଡା



ଆକାଶ
ଉଦାରତାର ପ୍ରଶସ୍ତ ଚାନ୍ଦୁଆଟିଏ
ବିସ୍ତରିଥାଏ ବିନା ଦ୍ୱିଧାରେ
ଅକ୍ଷାଂଶରୁ ଦ୍ରାଘିମା ଯାଏ
ଜାତି ବର୍ଣ୍ଣ ଧନୀ ଦରିଦ୍ର ଉଦ୍ଭିଦ ପ୍ରାଣୀ
ପ୍ରବୃତ୍ତି ଗତ ତାରତମ୍ୟକୁ ଅଗ୍ରାହ୍ୟ କରି,
ସବୁରି ଉପରେ ବଦାନ୍ୟତାର ବିଭୂତି ବରଷି।
ପୃଥିବୀ
ଯାତନା କଷଣ ଯେତେ ଗିଳି ପକାଏ
ପରିତୃପ୍ତିର ପରଶ ବାଣ୍ଟୁଥାଏ
ମହ ମହ ବାସ୍ନାରେ
ଅଣଦେଖା କରିଦିଏ ଅନସୂୟାରେ
ସାରା ଭୁଲ୍ କୋଳେଇ ନିଏ
ସ୍ନେହର ରଙ୍ଗ ବୋଳି ଆପଣା ପଣରେ
କରେ ଆଲିଙ୍ଗନ ଅତି ଯତ୍ନରେ
ମୁହଁ ପୋଛି ଦେଇ ଉଦାର ପଣତରେ।
ପବନ
ବାରଣ ନଥାଏ ବସ୍ତି ଘାଟ ପଥ ତୁଠ
ସବୁଆଡେ ସଞ୍ଚାରି ଦିଏ ତା' ପୁଲକିତ ଓଠ
ଉଦାରତାରେ ଛୁଇଁଯାଏ ସବୁକୁ ଭୁଲି ଭେଦ ଭାବ
ପ୍ରାଣରେ ପ୍ରଣବ ମନ୍ତ୍ର ପରି ତୋଳି ସ୍ପନ୍ଦିତ ସ୍ୱର
ନାରୀ
ଅନନ୍ୟା ଅନୁନୟା ଜୀବନ ନଦୀରେ
ଝଟକୁ ଥାଏ ମାଟିର ମହ ମହ ବାସ୍ନାରେ
ସେ ଅପରୂପା ଉଦାରତାର ଅକ୍ଷୟ ପାତ୍ରରେ
ବାଣ୍ଟିଚାଲେ ଆବେଗର ସୁଭୂତି ତମିସ୍ରାରେ
ପଦ୍ମବନ ଗଢୁଥାଏ ସ୍ୱପ୍ନିଳ ମନର ତୀରେ।

ବୁର୍ଲା, ସମ୍ବଲପୁର
ମୋ-୯୪୩୯୨୧୧୯୭୧

## ମୁଁ ତୁମ ପ୍ରେୟସୀ

ଶୁଭସ୍ମିତା ମହାପାତ୍ର



ଯୌବନ ପରଶ
ଛୁଇଁଲା ପରେ,
କଳ୍ପନାକୁ ଅତିକ୍ରମ କରି
ଏ ଯେଉଁ ରୂପ ପାଇଲି
ତୁମରି ପାଇଁ !

ମଧୁର ବାସନା କଲା ଆନମନା
ଗଲି ମୁଁ ସବୁ ପାଶୋରି
ନିଦ୍ରିତେ ଅବା ଜାଗରଣେ କି କାରଣେ
ପ୍ରତି ପଲକରେ ତୁମରି ରୂପ
ସକଳ ସାନିଧ୍ୟେ ଅବା ସଞ୍ଜ ମଧ୍ୟେ
ମୁହୂର୍ତ୍ତେ ପଲକ ପଡ଼ିଲେ
ତୁମ ପ୍ରେମ ଛାପ ।

ଦୁଃଖ ଅବା ବିଷାଦରେ
ଅବା ପ୍ରମାଦରେ
ତୁମ ପ୍ରେୟସୀ ହେବାର ସୁଖ ଟିକିକ,
ମନେ ଜ୍ୟୋତିସମ ଜଳୁଥାଏ
ଯେତେ ସେ ଜଳୁଥାଏ
ସେତେ ମତେ ଜାଳୁଥାଏ।

ଜାଣିଛି ବିରହ ଯନ୍ତ୍ରଣା ଦାୟକ
ତଥାପି କାହିଁକି
ସେଥିକି ମନ ବଳୁଥାଏ,
ତୁମେ କି ଜାଣିବ ମନର କଥାକୁ
ଦୂରବନ୍ଧୁ ତୁମେ ଆପଣା ସହରେ,
ଆଲୋକ ଶଯ୍ୟାରେ ଦିନ ଯାଏ ।

ପତ୍ନୀ ସ୍ୱୀକୃତି ଲୋଡାନାହିଁ କେବେ
ସେ ସୌଭାଗ୍ୟ ଥିବ ଅବା ନାହିଁ,
ଚିର ପ୍ରେୟସୀ ସ୍ୱୀକୃତି
ଦେବ ବାରେ
ପ୍ରେୟସୀ ସୁଖକି ପତ୍ନୀ
ହେବାରେ ମିଳିପାରେ !

ପତ୍ନୀ ହୁଏ କି ପ୍ରେୟସୀ
ଏତିକି କରିବ ମୋ ପାଇଁକି
ତବ କରଚରଣକୁ ମଥାରେ
ଛୁଆଁଇ ମୋର
ପ୍ରେୟସୀ ହୋଇ ମୁଁ
ସାନିଧ ଲଭିବି ସେହିକ୍ଷଣି।

ପଳାଶୁଣି ନରଗାଙ୍ଗ, ବାଙ୍କୀ, କଟକ

## ଶୀତ ଆସେ ଏହିପରି

ଜୟକୃଷ୍ଣ ସାହୁ



ଶୀତ ଆସିଲାଣି ଗୀତ ଗାଇଲାଣି
ଆସେ ମଗୁଶୁର ମାସ
ସୋରିଷ ଫୁଲର ସୁନେଲି ଓଠରେ
ଉଚ୍ଛୁଳି ଉଠଇ ହସ।
ପାଚି ଲୋଟିଲାଣି ସୁନାର ଫସଲ
କ୍ଷେତ ଉଠିଲାଣି ହସି
ହାତେ ଧରି ଦାଆ ସକାଳ ପହରୁ
ଧାନ କାଟିଲେଣି ଚାଷୀ।
ଉତ୍ତର ଦିଗରୁ ହେମାଳ ପବନ
ବହିଲାଣି ଶିରି ଶିରି
ଗରମ ପୋଷାକ ପିନ୍ଧିବାକୁ ଅମୁ
ବସିଲାଣି ହାତେ ଧରି।
ବାଡ଼ି ବଗିଚାରେ ବସିଲାଣି ହାଟ
ପରିବା ଯାହାକୁ ଯେତେ
କୋବି ମୂଳା ବିନ୍ ଭେଣ୍ଡି ଶିମ୍ବ ଶାଗ
ତୋଳିଅଛି ମାଆ ବେତେ।
ଫୁଲ ଫୁଟିଲାଣି ବାସ ଛୁଟିଲାଣି
ଯୁଟିଲେଣି ମହୁମାଛି
ଗୁଣୁ ଗୁଣୁ ଗୁଣୁ ଗୀତ ଗାଇ ଗାଇ
ଫୁଲ କୋଳେ ଯିବେ ଲୁଚି।
ମାଆ ବସି ଏବେ ଝୋଟି କାଟିଲାଣି
ଶରଧାରେ ଆମ ଘରେ
ମହାଲକ୍ଷ୍ମୀଙ୍କର ପୂଜା ହେବ ପରା
ମଗୁଶୁର ଗୁରୁବାରେ।
କେତେ ପିଠାପଣା କାକରା ଆରିସା
ଖିରି ପୁରି ମିଠା ବରା
ସେ ସୁଆଦ କେବେ ଭୁଲି ହୁଏ ନାହିଁ
ସ୍ମୃତି ତା'ର ଅପାଶୋରା।
ଶୀତ ଆସି ପୁଣି ଶୀତ ଚାଲିଯାଏ
ସବୁ ବର୍ଷ ଏହିପରି
ସତରେ ଏମିତି ଦେଇ ପାରିବେନି
ସୁଖ କେହି ତାହାପରି।

କପିଳପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭



## ଶୀତ ଆସେ ଧୀରେ

ପ୍ରଣୀତା ମିଶ୍ର

ଆସୁଥିଲି ଧୀର ପଦପାତରେ
ବିଳମ୍ବିତ ପ୍ରହରରେ
ଆଗରେ ଭରା ଭରା ଶସ୍ୟକ୍ଷେତ୍ର
ସୁଲୁସୁଲିଆ ପବନରେ
ଖେଳୁଥିଲା ସତେ ଆନନ୍ଦର ଲହରୀ ।
କିଏ ସେ ରୋକିଦେଲା ଗତି
ରହିଗଲି ଅଟକି
ଧୂଆଁ ଧୂଳି ପ୍ରଦୂଷଣ
କରୁଥିଲା ଶ୍ୱାସରୁଦ୍ଧ
ଓହୋଃ ! ମନେପଡିଗଲା
ଏ ପରା ଆନନ୍ଦର ଦୀପାବଳି ।
ଆରମ୍ଭ ହେଲା ପୁଣି ଯାତ୍ରା
ଆଉ ବେଳନାହିଁ
ଯିବାକୁ ହେବ ସହଳ
ପ୍ରତୀକ୍ଷାରେ ଉପବନ
ବନ, ବାଗ, କଳି ।
ପୁଣି ବାଟ ଓଗାଳିଲା କିଏ
ମନ୍ଥି ଦେଇଗଲା ହୃଦୟ
ଜୀବନ ହୋଇଗଲା ସନ୍ତ୍ରସ୍ତ
ସ୍ତବ୍ଧ ଜୀବଜଗତ
ହୁରି ପଡ଼ିଗଲା ଆସୁଛି 'ମୋନ୍ଥା'।
ପବନ ବହିଲା ଖର
ବର୍ଷା ବିଜୁଳି ଘଡ଼ଘଡ଼ିର ଆର୍ତ୍ତନାଦ
ଭୟରେ ଲୁଚିଗଲି ଦୂରେ
ଆଖି ମେଲାଇବା ପରେ ଦେଖିଲି
ତାଣ୍ଡବ ଧ୍ୱଂସର ।
କାହିଁ ମୋର ସେହି ସୁନାକ୍ଷେତ
କାହିଁ ସବୁଜ ଫସଲ
ଭରାଭରା ଫୁଲ ଫଳର ସମ୍ଭାର
ସବୁ ଲୋଟୁଛି ଭୂମିରେ
ଜଳାର୍ଣ୍ଣବ ବିଲବାଡ଼ି
ଖୁସିରେ ଲାଗିଛି ସତେ
ଦାଗ ଗ୍ରହଣର ।
ଖୋଜୁଛନ୍ତି ଥୋକେ ମୋତେ
କାହିଁଗଲା 'ଏସନ କି ଆସିବନି ଶୀତ ?'
ବସିଛି ମୁଁ ହିଡମୁଣ୍ଡେ
ଗାଁ ଶେଷ ବିଲ ପ୍ରାନ୍ତରରେ
କରୁଛି ମୁଁ ତଥାପି ପ୍ରତୀକ୍ଷା
କେବେ ହେବ ପାଗ ଅନୁକୂଳ
କେବେ ଅବା ଆସିବ ସୁଯୋଗ
ଆପଣାଇ ନେବି ପ୍ରସାରିଣ ଦୁଇ ବାହୁ
ବୃକ୍ଷଲତା ଏ ଜୀବଜଗତ ।
ଶୋଷିନେବି ସବୁ ଦୁଃଖ ଧରଣୀର
ଦେଇ ମୋର ପରଶ ଶୀତଳ
ଫୁଲ ଫଳ ସମ୍ଭାରରେ
କରିଦେବି ମନୋରମ
ଭରିଦେଇ ଅଙ୍ଗେ ଅଙ୍ଗେ
ଅଫୁରନ୍ତ ସୁଖ ନିରନ୍ତର ।

ଭୁବନେଶ୍ୱର

## ବିପନ୍ନ ସ୍ୱପ୍ନ



ସୁଦର୍ଶନ ମହାପାତ୍ର

ବୁଲଡୋଜର ଚଢି ସାରିଥିଲା ଅନାଦିର ତାଟି ବାଉଁଶ ଉପରେ ମାଟି ଲେସା ଇମାରତ୍ ଉପରେ। ମାତ୍ର କେଇ ମିନିଟ୍ ଭିତରେ ହାତଗଢା ତା'ର ପ୍ରିୟ ସୌଧଟି ଭୂମିକମ୍ପ ବିପର୍ଯ୍ୟସ୍ତ ଅବା କ୍ଷେପଣାସ୍ତ୍ର କ୍ଷତିଗ୍ରସ୍ତ ଭଳି ବିକୃତ ଓ ବିକଳାଙ୍ଗ ଦିଶିଲା।

ତା'ର ଜୀବିକା ଅର୍ଜନ ପନ୍ଥାର ମୁଖ୍ୟ ଉପାଦାନଟି ତା' ଆଖି ଆଗରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। କାକୁସ୍ଥ ମୁଦ୍ରାରେ, କାତରିତ ଆଖିରେ ଅନାଦି ଚାହିଁ ରହିଥିଲା ସଦ୍ୟ ଭଙ୍ଗା ଯାଇଥିବା ତା'ର ଦୋକାନ ଆଡକୁ। ସତେ ଯେମିତି ନିଜର ଦେହ ଆଉ ମନରେ ଅନେକ କ୍ଷତ ସୃଷ୍ଟି ହୋଇଯାଇଛି !


ହଠାତ୍ ଦିନେ ଅନାଦି ଦେଖିଲା ସେ ଯେଉଁ ଜାଗାରେ ଠିଆ ହୋଇ ବ୍ୟବସାୟ କରି ଅପରାଧୀ ସାଜିଥିଲା ସେଇ ଜାଗାରେ ଆଉ ଜଣେ ଲୋକ ଠିଆ ହୋଇ ବ୍ୟବସାୟ ଚାଲୁ ରଖିଥିଲା। ଆଉ ତା ପାଖରେ ଠିଆ ହୋଇ ହସି ହସି କଥା ହେଉଥିଲେ ସେଇ ପୋଲିସ ବାବୁ। ହେଲେ ଅନାଦି ସେଇ ଜାଗାରେ ପହଞ୍ଚିଲା ପୂର୍ବରୁ ପୋଲିସ ଗାଡି ସେଠୁ ଚାଲିଗଲା। ସେଇ ଲୋକଟି ପାଖରେ ତାରି ଓଜନ ମେସିନ୍‌କୁ ଅନାଦି ଚିହ୍ନଟ କରି ହାଁ ହୋଇ ଚାହିଁ ରହିଲା କିଛିକ୍ଷଣ। ପୁଞ୍ଜିଭୂତ ଅସନ୍ତୋଷ ନେଇ ଅନାଦି ଭାବିଲା ସେଇ ଓଜନ ମେସିନ୍ ବିଷୟରେ ଯାଇ ପଚାରିବ ସେ ଲୋକକୁ। ହେଲେ ପର ମୁହୂର୍ତ୍ତରେ ସେ ସେଇ ଚିନ୍ତାରୁ ନିବୃତ୍ତ ରହିଲା। ତା ମନରେ ଆସିଲା ବିଚରା ଲୋକଠୁ କିଛି ପଇସା ଝଡ଼େଇ ତା ସହିତ ବ୍ୟବସାୟର ହିସାବ ନିକାଶ ନିଶ୍ଚୟ କରିଥିବେ ପୋଲିସ ବାବୁ ! ତା'ର ବା ଚାରା କ'ଣ ?


ଦୋକାନଟି ଭଙ୍ଗା ଯିବା ପୂର୍ବରୁ ତା ଗୁହାରି ଶୁଣିବାକୁ ଯେଉଁ ଅଧିକାରୀଙ୍କୁ ସେ ବିନିତ ଅନୁରୋଧ କରିଥିଲା ସେଇ ଅଧିକାରୀ ତା ଆଡକୁ ଆସୁଥିବାର ସେ ଲକ୍ଷ୍ୟ କଲା।

ଦୋକାନ ଭଙ୍ଗା ହୋଇନଥିବା ପୂର୍ବରୁ ଉଦ୍‌ବିଗ୍ନ ଦିଶୁଥିବା ଅଧିକାରୀ, ଏବେ ଆଶ୍ୱସ୍ତ ଦିଶୁଥିଲେ। ତାଙ୍କର ଗୁରୁ ଦାୟିତ୍ୱଟି ଇତିମଧ୍ୟରେ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଥିବା ବୋଧହୁଏ ତା'ର କାରଣ। ହେଲେ ମନ ଭିତରେ ଅନେକ ଆଶା ନେଇ ଅଧିକାରୀଙ୍କ ସାମ୍ନାରେ ହାତ ଯୋଡ଼ି ଗୁହାରି କରୁଥିବା ବ୍ୟଥିତ ହୃଦୟଟି ଦୁଃଖରେ ଆକ୍ରାମାକ୍ରା ହୋଇଯାଉଥିଲା।

ଅନାଦି ହାତଯୋଡି ଠିଆ ହେଲା ଯାଇ ସେଇ ଅଧିକାରୀଙ୍କ ସାମ୍ନାରେ।

'ଆଜ୍ଞା, ଆମେ ଏବେ ଯିବୁ କୁଆଡେ ?' ତା' ଆଡକୁ ଦୃଷ୍ଟି ଆକର୍ଷଣ କରିବାକୁ ଏମିତି ଏକ ପ୍ରଶ୍ନ ଖୁବ୍ ସାହସର ସହିତ ପଚାରିଲା ଅନାଦି।

– 'କୁଆଡେ ଯିବ ସେକଥା ମୁଁ କହିବି କେମିତି ? ଆସିଲା ବେଳକୁ କ'ଣ ଆମକୁ ପଚାରି ବୁଝି ଆସିଥିଲ ? ଯୁଆଡୁ ଆସିଥିଲ ଏବେ ସିଆଡେ ଯାଅ।'

–'ଆଜ୍ଞା, ଆମ ଗାଁ ଭିଟାମାଟିକୁ ସରକାର ନେଇଗଲେ। ଆମ ଭିଟାମାଟି ତଳେ କୁଆଡେ ପୋତି ହୋଇ ରହିଛି ଦେଶର ସମ୍ପତ୍ତି। ଆମକୁ ଜୋର୍ କରି ତଡି ଯେଉଁଠି ନେଇ ରଖିଲେ ସେଇଠି ଆମେ ଚାଷବାସ କରି ବଞ୍ଚିବା ଅସମ୍ଭବ ଥିଲା। ପୁରା ଲୁଣା ମାଟି। ଆମକୁ ଚାକିରି ଦେବା କଥା କହି ଏପର୍ଯ୍ୟନ୍ତ କିଛି ବ୍ୟବସ୍ଥା କଲେନାହିଁ। ପେଟ ପାଟଣା ପାଇଁ ଏଇ ସହରକୁ ଆସିଲି। ଏଠି ଯଦି ଆପଣମାନେ ଆମ ପେଟରେ ନାତ ମାରିବେ ଆମେ ଯିବୁ କୁଆଡେ ?' କାକୁତି ମିନତି ହୋଇ କହିଲା ଅନାଦି।

ଅନାଦିର ବାରମ୍ବାର ଉଚ୍ଚାରିତ 'ଯିବୁ କୁଆଡେ' କଥା ଶୁଣି ହସିଲେ ଅଧିକାରୀ ।

–'ଯେଉଁଠି ବିଦ୍ରୋହ କରିବା କଥା ନକରି ଏଇଠି ଆସି ମୁହଁ ଦେଖେଇଲେ ଆମେ କ'ଣ କରିବୁ। ଆମକୁ ଯାହା ଦାୟିତ୍ୱ ଦିଆଯାଇଛି ସେଇ କାମ କରିବୁ ନା ତୁମ କଥା ଶୁଣିବୁ ?'

ଅନାଦି ଆଉଥରେ ତା ଦୁଃଖ ବୁଝିବାକୁ ନିବେଦନ କଲା ଅଧିକାରୀଙ୍କୁ।

–'ଆଚ୍ଛା କଥା ! ଏଠିକି ଆସି ଦୋକାନ ଖୋଲିବା ଆଗରୁ କ'ଣ କାହାଠୁ ଅନୁମତି ନେଇଥିଲ ? ପଟ୍ଟା ପାଉତି ଅଛି ? ଯାହା କରୁଛ କର। ଏଠି ଜାଗା ମାଡି ବସନା।'

ଅନାଦି ନିରାଶ ହୋଇ ଫେରିଗଲା ସେଦିନ ଏବଂ କିଛି ଦିନ ଉତ୍ତାରୁ ମନରେ ନୂଆ ଆଶା ସଂଚରିତ କରି ସାଇକେଲ ପଛରେ ଫଳ ପସରା ଧରି ଠିଆ ହେଲା ଗୋଟିଏ ଛକରେ।

ପନ୍ଦର କୋଡ଼ିଏ ଦିନ ଭିତରେ ଅନାଦିର କିଛି ପୁରୁଣା ଗ୍ରାହକ ତା'ର ନୂଆ ବ୍ୟବସାୟ ପ୍ରତିଷ୍ଠାନର ଠିକଣା ପାଇଗଲେ। ଧିରେ ଧିରେ ତା'ର ବ୍ୟବସାୟ ବଢ଼ିବାରେ ଲାଗିଥିଲା।

ହଠାତ୍ ଦିନେ ପୋଲିସ ଗାଡି ଆସି ଅଟକିଲା ତା ପାଖରେ।

– କେବେଠାରୁ ଠିଆ ହେଉଚୁ ଏଠି ? ଜାଣିଚୁ ଏ ଜାଗାରେ ବ୍ୟବସାୟ କରିବା ମନା । ଆଉ ଏଠି ଆସି ଠିଆ ହେବୁନାହିଁ।

ପୋଲିସ ବାବୁଙ୍କ କଥାରେ ନିରୁତ୍ତର ରହିଲା ଅନାଦି। ଆଉ ସେଦିନ ବ୍ୟବସାୟ ବନ୍ଦ କରିଦେଲା ପୋଲିସ ଧମକରେ। କିନ୍ତୁ ଅନେକଙ୍କ ପରି ପରଦିନ ଅନାଦି ସେଇ ଛକଠୁ ଟିକିଏ ଦୂରରେ ଠିଆ ହୋଇ ତା'ର ବିକ୍ରିବଟା ଜାରି ରଖିଲା ।

ଆଉ ଦିନେ ସେଠି ବି ଆସି ପହଁଚିଲା ପୋଲିସ ଗାଡ଼ି। ତରତର ହୋଇ ନିଜ ପସରାକୁ ଲୁଚେଇବାକୁ ପ୍ରଯତ୍ନ କଲା ଅନାଦି। ହେଲେ ପୋଲିସ ଦେଖି ଅଣଦେଖା କରିବା ମତଲବ ହିଁ ନଥିଲେ। ନିଜର କର୍ତ୍ତବ୍ୟ ସମ୍ପାଦନା ପୂର୍ବକ ଧମକ ଦେବା ଆରମ୍ଭ କଲେ।

–ତୋତେ ସାବଧାନ କରାଯାଇଥିଲା କି ନାହିଁ ? ତୋର ତ ବଡ଼ ସାହସ ? ପୁଣି ଆସି ଠିଆ ହୋଇଯାଇଛୁ ତୋ ବୋପା ଜାଗା ଭଳି ?

ଅନାଦି କ'ଣ କହିବ ନକହିବ ଭାବି ପୋଲିସ ବାବୁଙ୍କ ଆଡକୁ ବିକଳ ହୋଇ ଚାହିଁଲା ଯାହା।

–'କ'ଣ ହେଲା ମୁହଁକୁ ଏମିତି ଗାରଡ଼େଇ ଚାହିଁବୁ ତ ତୋ ହାଡ଼ ଗୋଡ ଚୁନା କରିଦେବି।'

–'ଆଜ୍ଞା। ଗରିବ ଲୋକକୁ ଦୟା କରନ୍ତୁ ଟିକେ।'

ଏତିକି ବେଳକୁ ପୋଲିସ ବାବୁ ଅନାଦିର ଇଲେକ୍ଟ୍ରୋନିକ ୱେଟ୍ ମେସିନ୍‌କୁ ଛଡ଼ାଇ ନେଇସାରିଥିଲେ।

–'ଆଜ୍ଞା, ହେଇ ସେଇଠି ତ କେତେ କେତେ ଲୋକ ବ୍ୟବସାୟ କରୁଛନ୍ତି।' ସାମାନ୍ୟ ଉଚ୍ଚ ସ୍ୱରରେ କହିଲା ପୋଲିସ ବାବୁଙ୍କୁ।

–'ଚୋପ୍ । ବଦମାସ୍ କାହାଁକା। କ'ଣ ଧମକ ଦେଉଛୁ ? ଦେଖିବୁ ଏବେ ତୋତେ ଜେଲ୍‌ରେ ପୁରେଇ ଦେବି। ବ୍ୟବସାୟ କରୁଚୁ ? ତୋ ଚଉଦ ପୁରୁଷ କିଏ ବ୍ୟବସାୟ କରିଥିଲା ବେ ? ସେଠି ଯେଉଁମାନେ ବ୍ୟବସାୟ କରୁଛନ୍ତି ଯାଉନୁ ବୁଝି ଆସିବୁ କେମିତି ବ୍ୟବସାୟ କରାଯାଏ ?'

ଅନାଦିର ଫଳ ଝୁଡି ଏଇ ସମୟ ଭିତରେ ଯାଇ ରହିସାରିଥିଲା ପୋଲିସ ଗାଡ଼ିରେ। ଅନନ୍ୟୋପାୟ ହୋଇ ବିଚରା ନଇଁପଡି ବିରାଟ ବପୁଧାରୀ ପୋଲିସଙ୍କ ଗୋଡ଼ ଦୁଇଟାକୁ ଧରି ପକେଇଲା। ଆମ୍ବ ଝୁଡି ବରଂ ନେଇଯାନ୍ତୁ ଚାରି ହଜାର ଟଙ୍କାର ଓଜନ ମେସିନ୍‌କୁ ଫେରେଇ ଦେବାକୁ କାକୁତି ମିନତି ହେଲା। ହେଲେ ଗାଡ଼ିରୁ ନିର୍ଗତ ମେଞ୍ଚେ ଧୂଆଁ ତା ଦୃଷ୍ଟିକୁ ଝାପ୍‌ସା କରି ଦେଇଥିଲା। ଧୂଆଁରେ ହେଉ ବା ହତାଶରେ ହେଉ ଅନାଦି ଆଖିରେ ଲୁହ ଭରିଗଲା। ପର ମୁହୂର୍ତ୍ତରେ ଯଦିଓ ଭାବିଲା ପୋଲିସ ଷ୍ଟେସନ୍ ଯାଇ ବାବୁ ମାନଙ୍କୁ ଆଉଥରେ ଅନୁରୋଧ କରିବ ବୋଲି ହେଲେ ମନେପଡିଲା ପୋଲିସ ବାବୁ ଧମକ୍ ଦେଇଥିବା ହାଜତ କଥା ।

କେଇଦିନ ସାଇକେଲ ଚଳେଇ ଅନାଦି ସେଇ ଜାଗାରେ ଅପେକ୍ଷା କରେ କାଳେ ପୋଲିସ ବାବୁ ଆସି ଦୟା ପରବଶ ହୋଇ ତା ଓଜନ ମେସିନ୍‌ଟାକୁ ଫେରେଇ ଦେଇ ଯିବେ ବୋଲି।

ହଠାତ୍ ଦିନେ ଅନାଦି ଦେଖିଲା ସେ ଯେଉଁ ଜାଗାରେ ଠିଆ ହୋଇ ବ୍ୟବସାୟ କରି ଅପରାଧୀ ସାଜିଥିଲା ସେଇ ଜାଗାରେ ଆଉ ଜଣେ ଲୋକ ଠିଆ ହୋଇ ବ୍ୟବସାୟ ଚାଲୁ ରଖିଥିଲା। ଆଉ ତା ପାଖରେ ଠିଆ ହୋଇ ହସି ହସି କଥା ହେଉଥିଲେ ସେଇ ପୋଲିସ ବାବୁ। ହେଲେ ଅନାଦି ସେଇ ଜାଗାରେ ପହଞ୍ଚିଲା ପୂର୍ବରୁ ପୋଲିସ ଗାଡି ସେଠୁ ଚାଲିଗଲା।

ସେଇ ଲୋକଟି ପାଖରେ ତାରି ଓଜନ ମେସିନ୍‌କୁ ଅନାଦି ଚିହ୍ନଟ କରି ହାଁ ହୋଇ ଚାହିଁ ରହିଲା କିଛିକ୍ଷଣ।

ପୁଞ୍ଜିଭୂତ ଅସନ୍ତୋଷ ନେଇ ଅନାଦି ଭାବିଲା ସେଇ ଓଜନ ମେସିନ୍ ବିଷୟରେ ଯାଇ ପଚାରିବ ସେ ଲୋକକୁ। ହେଲେ ପର ମୁହୂର୍ତ୍ତରେ ସେ ସେଇ ଚିନ୍ତାରୁ ନିବୃତ୍ତ ରହିଲା। ତା ମନରେ ଆସିଲା ବିଚରା ଲୋକଠୁ କିଛି ପଇସା ଝଡ଼େଇ ତା ସହିତ ବ୍ୟବସାୟର ହିସାବ ନିକାଶ ନିଶ୍ଚୟ କରିଥିବେ ପୋଲିସ ବାବୁ ! ତା'ର ବା ଚାରା କ'ଣ ?

ଅନାଦି ଏଥର ସାଇକେଲଟିକୁ ବିକ୍ରି କରି ତାରି ବିନିମୟ ମୂଲ୍ୟରେ କିଛି ବିପଣି ମୁଣ୍ଡେଇ ସହରର ଗଳିକନ୍ଦିରେ ବୁଲିବାକୁ ମନ ସ୍ଥିର କଲା...!!!

କୁଞ୍ଜବିହାରୀ ଲେନ୍, କଟକ
ମୋ-୯୪୩୮୧୭୫୫୪୨

## ଖୋର୍ଦ୍ଧା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ୍

# ଗ୍ରୀନ ମିଳିତ ଏକାଦଶ ଚାମ୍ପିଅନ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନିଷ୍ଟାଡିୟମ୍ ଠାରେ କ୍ରିକେଟ ଆସୋସିଏସନ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଗ୍ରୀନ ମିଳିତ ଏକାଦଶ, କେ.ଟି ଗ୍ଲୋବାଲ ସ୍କୁଲକୁ ୮ ଓ୍ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି ।

କେ.ଟି ଗ୍ଲୋବାଲ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୩୧.୧ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମହେଶ ବରାଳ ୧୯ ରନ ଓ ସାଇ ଅମନ ୧୮ ରନ କରିଥିଲେ । ଗ୍ରୀନ ଦଳ ତରଫରୁ ଜଗନ୍ନାଥ ବେହେରା, ଓମ୍ ସାହୁ ଓ ସୁଭାଦିତ୍ୟ ପଣ୍ଡା ପ୍ରତ୍ୟକ ୨ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଗ୍ରୀନ ଏକାଦଶ ଆବଶ୍ୟକ ୯୧ ରନକୁ ୧୭.୨ ଓଭରରୁ ୨ ଓ୍ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ । ଦଳ ପକ୍ଷରୁ ଦେବାଂଶୁ ଜେନା ୪୧ ରନ ଓ ଶୁଭାଦିତ୍ୟ ପଣ୍ଡା ଅପରାଜିତ ୨୬ ରନ କରିଥିଲେ । ଦେବାଂଶୁ ଜେନା ଶ୍ରେଷ୍ଠ ବ୍ୟାଟର, ଜଗନ୍ନାଥ ବେହେରା ଶ୍ରେଷ୍ଠ ବୋଲର, ଶୁଭାଦିତ୍ୟ ପଣ୍ଡା ଫାଇନାଲର ଶ୍ରେଷ୍ଠ ଖେଳାଳି, ମହେଶ ବରାଳ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ରୋହିତ ପତି ଇମରଜିଂ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ପ୍ରୀତିରଞ୍ଜନ ବିଜୟ ସିଂ, ଚନ୍ଦ୍ରମୋହନ ବରାଳ, ଅବଦୁଲ ରହିମ ଖାନ ଖେଳକୁ ପରିଚାଳନା କରିଥିଲେ । ସ୍କୋରର ଭାବେ ସୁନୀଲ ସୁନ୍ଦରାୟ ଏବଂ ସରୋଜ ପାତ୍ର ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲା କ୍ରିକେଟ ସଂଘ ସଭାପତି ରାଜେନ୍ଦ୍ର କୁମାର ସାହୁ ଓ ସମ୍ପାଦକ ତଥା ଓସିଏର କୋଷାଧକ୍ଷ ବିକାଶ ପ୍ରଧାନ ସମସ୍ତ ଆୟୋଜକ ତଥା ଖେଳାଳି ମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ଆଇପିଏଲ୍ : ଡିସେମ୍ବର ୧୬ରେ ମିନି ନିଲାମ, ଆବୁଧାବିରେ ବିକ୍ରି ହେବେ ଖେଳାଳି

**ନୂଆଦିଲ୍ଲୀ**

ଆଗାମୀ ଆଇପିଏଲ-୧୯ର ମିନି ନିଲାମ ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଖେଳାଳି ରିଟେନ ତାଲିକା ପ୍ରସ୍ତୁତ କରୁଛନ୍ତି । ଶୁକ୍ରବାର ଅପରାହ୍ଣ ୩ଟା ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜ୍ ଖେଳାଳି ରିଟେନ ତାଲିକା ଘୋଷଣା କରିବେ । ବାକି ଖେଳାଳି ଦଳରୁ ବାଦ୍ ପଡ଼ିବେ ଓ ନିଲାମରେ ସାମିଲ ହେବେ । ୧୬ ତାରିଖ ଦିନ ଆବୁଧାବିରେ ମିନି ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୨୦୨୪ରେ ଦୁବାଇ, ୨୦୨୫ରେ ଜେଦାହ ପରେ ଏଥର ଆବୁଧାବିରେ ନିଲାମ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ରିଟେନ ତାଲିକା ଚୂଡ଼ାନ୍ତ କରିବା ସହ ପ୍ରତ୍ୟେକ ଫ୍ରାଞ୍ଚାଇଜ ଖେଳାଳି ଅଦଳ ବଦଳ ପାଇଁ ମଧ୍ୟ ଜୋରଦାର ପ୍ରୟାସ କରୁଛନ୍ତି ।

୫ଥର ଚାମ୍ପିଅନ ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଆଇପିଏଲ୍ ଇତିହାସର ସବୁଠୁ ଚର୍ଚ୍ଚିତ ଖେଳାଳି ବଦଳ ହୋଇଛି । ରାଜସ୍ଥାନ ରୟାଲ୍ସ ଷ୍ଟାର୍ ଖେଳାଳି ତଥା ଅଧିନାୟକ ସଞ୍ଜୁ ସାମସନଙ୍କୁ ସୁପରକିଙ୍ଗ୍ସର ଦୁଇ ପ୍ରମୁଖ ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜା ଓ ସାମ କୁରାନଙ୍କ ସହ ଅଦଳ ବଦଳ କରିଛି । ରାଜସ୍ଥାନ ରୟାଲ୍ସରେ ଜାଡ଼େଜା ଅଧିନାୟକ ନିଯୁକ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଶସ୍ୱୀ ଜୈସ୍ୱାଲ୍ ଓ ଧ୍ରୁବ




ଜୁରେଲ ମଧ୍ୟ ଅଧିନାୟକ ଦୌଡ଼ରେ ରହିଛନ୍ତି । ସାମସନଙ୍କ ଟ୍ରେଡ୍‌କୁ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚା ଲାଗି ରହିଥିବା ବେଳେ ସମସ୍ତଙ୍କ ଆଗୋଚରରେ ୫ଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ କିଛି ପ୍ରମୁଖ ଖେଳାଳିଙ୍କୁ କିଣିବାରେ ସଫଳ ହୋଇଛି । ଇତି ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଗୁଜରାଟ ଟାଇଟନ୍ସ ଠାରୁ ସେରଫାନ ରଦରଫୋର୍ଡଙ୍କୁ ୨.୬୦କୋଟି ଓ ଲକ୍ଷ୍ନୌ ସୁପରଜାଏଣ୍ଟସ ଠାରୁ ସର୍ଦ୍ଦୁଲ ଠାକୁରଙ୍କୁ ୨କୋଟି ଟଙ୍କା ମୂଲ୍ୟରେ ଆଣିବାରେ ସଫଳ ହୋଇଛି । ଉଭୟଙ୍କ ସ୍ଥାନରେ ମୁମ୍ବାଇ ଇଣ୍ଡିଆନ୍ସ କୌଣସି ଖେଳାଳି ବଦଳ କରିନାହିଁ । ଠିକ୍ ସେହିପରି ସୁପରଜାଏଣ୍ଟ୍ସ ୩୦ଲକ୍ଷ ଟଙ୍କା ମୂଲ୍ୟରେ ଅର୍ଜୁନ ତେନ୍ଦୁଲକରଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ଆଣିବାରେ ସଫଳ ହୋଇଛି । ସାର୍ଦ୍ଦୁଲ ୨୦୧୦ରୁ ୨୦୧୨ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ସହକାରୀ ବୋଲର ଭାବେ ଚୁକ୍ତି କରିଥିଲେ । ଗତ ମେଗା ନିଲାମରେ ତାଙ୍କୁ କେହି କିଣି ନଥିଲେ । ସେ କାଉଣ୍ଟି କ୍ରିକେଟ୍ ଖେଳିବା ପାଇଁ ଲଣ୍ଡନ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ସୁପରଜାଏଣ୍ଟ୍ସ ତାଙ୍କୁ କିଣିଥିଲା । ସେ ଗତ ସିଜନରେ ୧୦ଟି ମ୍ୟାଚ୍ ଖେଳି ୧୩ଟି ଓ୍ୱିକେଟ୍ ନେଇଥିଲେ । ସେହିପରି ରଦରଫୋର୍ଡ ୨୦୧୯ରେ ଦିଲ୍ଲୀ କ୍ୟାପିଟାଲ୍ସ, ୨୦୨୨ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗତ ସିଜନରେ ଟାଇଟନ୍ସ ପକ୍ଷରୁ ଖେଳିଥିଲେ । ଆଗାମୀ ସିଜନରେ ଟାଇଟନ୍ସ ଓ୍ୱାସିଂଟନ ସୁନ୍ଦରଙ୍କୁ ୪ନଂ ସ୍ଥାନରେ ବ୍ୟାଟିଂ କରାଇବାକୁ ଯୋଜନା କରୁଛି । ତେଣୁ ରଦରଫୋର୍ଡ ଅନାବଶ୍ୟକ ହୋଇଯାଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ସଠିକ ସମୟ ଦେଖି ତାଙ୍କୁ କିଣି ନେଇଛି । ସେ ପୂର୍ବରୁ ୨୦୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୨ରେ କୋଲକାତା ନାଇଟ ରାଇଡର୍ସ ସଦସ୍ୟ ଥିଲେ ହେଁ କୌଣସି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇ ନଥିଲେ । ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଗତ ସିଜନ ଖେଳିଥିବା ପେସ୍ ବୋଲର ମହମ୍ମଦ ସାମିଙ୍କୁ ନେବା ପାଇଁ ମଧ୍ୟ କିଛି ଫ୍ରାଞ୍ଚାଇଜ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ବିଶେଷ କରି ସୁପରଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ନେବା ପାଇଁ ସନରାଇଜର୍ସ ସହ ଆଲୋଚନା ଚଳାଇଛନ୍ତି ।

# ଓଡ଼ିଶା ଚେସ୍ : ସାତ୍ତ୍ୱିକ ସର୍ବକନିଷ୍ଠ କ୍ୟାଣ୍ଡିଡେଟ୍ ମାଷ୍ଟର୍

**ଭୁବନେଶ୍ୱର**



ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ଆଉ ଏକ ବଡ଼ ସଫଳତା ଲାଭ କରିଛନ୍ତି । ଗତ ଜୁନ୍‌ରେ ହରିୟାଣାର ଗୁରୁଗ୍ରାମଠାରେ ଆୟୋଜିତ ୩୮ତମ ଜାତୀୟ ୯ବର୍ଷରୁ କମ୍ ଓପନ୍ ଚେସ୍ ଚାମ୍ପିଅନ୍‌ସିପ୍‌ରେ ବିଜେତା ହେବା ପରେ ରାଜ୍ୟର ସର୍ବକନିଷ୍ଠ ଖେଳାଳିଭାବେ ଫିଡେ କ୍ୟାଣ୍ଡିଡେଟ୍ ମାଷ୍ଟର୍ସ ଟାଇଟଲ୍ ହାସଲ କରିଛନ୍ତି ସେ । ଏଥିଲାଗି ତାଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ବିରଳ ପ୍ରତିଭାଧାରୀ ଶିଶୁ ଚେସ୍ ଖେଳାଳିଙ୍କୁ ସେ ପ୍ରଶିକ୍ଷଣ ନେଉଥିବା କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ, ନିଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଟ୍ଟ, ପୁରୀ ଜିଲ୍ଲା ଚେସ୍ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟ୍ରିପଲ ସି ଚେସ୍ କ୍ଲବ୍ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, ଅନ୍ତର୍ଜାତୀୟ ଚେସ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ରଙ୍କ ସହ ରାଜ୍ୟର ବହୁ ବରିଷ୍ଠ ଖେଳାଳିମାନେ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

ଏହା ପୂର୍ବରୁ ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ ଖେଳାଳି ଭାବେ ମର୍ଯ୍ୟାଦାଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର (ଶ୍ରେଷ୍ଠ ଉଦୀୟମାନ ଖେଳାଳି) ପାଇଥିଲେ । ଭୁବନେଶ୍ୱରର ସମ୍ବିତ ସ୍ୱାଇଁ ଓ ସୋନମ ସରିତା ମହାନ୍ତିଙ୍କ ପୁଅ ସାତ୍ତ୍ୱିକ ଗତବର୍ଷ ଇଟାଲିରେ ଆୟୋଜିତ ବିଶ୍ୱ କ୍ୟାଡେଟ୍ ଚେସ୍ ପ୍ରତିଯୋଗିତାରେ ରୌପ୍ୟ ଏବଂ ଜର୍ଜିଆରେ ଆୟୋଜିତ ଫିଡେ ଚେସ୍ ବିଶ୍ୱକପ୍‌ର ୮ବର୍ଷରୁ କମ୍ ଓପନ୍ ବର୍ଗରେ କାଂସ୍ୟ ପଦକ ଜିତି ଇତିହାସ ରଚିଥିଲେ ।

# ପ୍ରଥମ ଟେଷ୍ଟ : ଦକ୍ଷିଣ ଆଫ୍ରିକା ୧୫୯ ରନରେ ଅଲଆଉଟ, ଭାରତ ୩୭/୧

**କୋଲକାତା**

କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯାଉଥିବା ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟର ଶୁକ୍ରବାର ଥିଲା ପ୍ରଥମ ଦିବସ । ପ୍ରଥମ ଦିବସରେ ହିଁ ଦକ୍ଷିଣ ଆଫ୍ରିକା ମାତ୍ର ୧୫୯ ରନରେ ଅଲଆଉଟ ହୋଇଯାଇଛି । ଏହାର ଜବାବରେ ଭାରତ ଷ୍ଟମ୍ପ ଅପସାରଣ ପର୍ଯ୍ୟନ୍ତ ୧ ଓ୍ୱିକେଟ ହରାଇ ୩୭ ରନ କରିଛି । ଏହା ଫଳରେ ଏପର୍ଯ୍ୟନ୍ତ ଭାରତ ୧୨୨ ରନରେ ଆଗୁଆ ରହିଛି ।

ଶୁକ୍ରବାର ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ଆଇଡେନ ମାର୍କରାମ ଓ ରିୟାନ ରିକଲଟନ ପ୍ରଥମ ଓ୍ୱିକେଟ ଯୋଡ଼ିରେ ୫୭ ରନ କରିଥିଲେ । ମାର୍କରାମ ୩୧ ରନ କରିଥିବାବେଳେ ରିକଲଟନ ୨୩ ରନ କରିଥିଲେ । ସେହିପରି ଓ୍ୱିଆନ ମୋଲଡର ୨୪ ରନ କରିଥିବାବେଳେ ଟୋନି ଡେ ୨୪ ରନ କରିଥିଲେ । ମାତ୍ର ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଏହି ବିପର୍ଯ୍ୟୟ ଫଳରେ ଦକ୍ଷିଣ ଆଫ୍ରିକା ମାତ୍ର ୧୫୯ ରନରେ ଅଲଆଉଟ ହୋଇଯାଇଥିଲା ।

ଦକ୍ଷିଣ ଆଫ୍ରିକାର ୧୫୯ ରନ ଜବାବରେ ଭାରତ ଷ୍ଟମ୍ପ ଅପସାରଣ ପର୍ଯ୍ୟନ୍ତ ୧ ଓ୍ୱିକେଟ ହରାଇ ୩୭ ରନ କରିଛି । ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୨ ରନ କରି ଆଉଟ ହୋଇଥିବାବେଳେ କେଏଲ ରାହୁଲ ୧୩ ଓ ଓ୍ୱାସିଂଟନ ସୁନ୍ଦର ୬ ରନ କରି ଖେଳୁଛନ୍ତି ।

# ୭ ବର୍ଷ ପରେ ମହାରେକର୍ଡ କଲେ ବୁମ୍‌ରା

**କୋଲକାତା**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଜସ୍‌ପ୍ରୀତ ବୁମ୍‌ରା ତାଙ୍କ ବୋଲିଂରେ ଏକ ଦୃଢ଼ ଆରମ୍ଭ କରିଥିଲେ । ସେହି ଦୃଢ଼ ପ୍ରଦର୍ଶନର ଫଳସ୍ୱରୂପ, ପ୍ରଥମ ଦିନରେ ଖେଳର ପ୍ରଥମ ସେସନ ଶେଷ ହେବା ମାତ୍ରେ ସେ ଏକ ବଡ଼ ରେକର୍ଡ ହାସଲ କରିଥିଲେ । ଏହା ସହିତ, ସେ ଏପରି କିଛି ହାସଲ କରିଥିଲେ ଯାହା ଗତ ସାତ ବର୍ଷ ମଧ୍ୟରେ ଅନ୍ୟ କୌଣସି ବୋଲର ହାସଲ କରିନାହାନ୍ତି ।



ଗତ ୭ ବର୍ଷ ମଧ୍ୟରେ, ବୁମ୍‌ରା ଟେଷ୍ଟ କ୍ରିକେଟରେ ବିଶ୍ୱର ଓପନରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ଭାବରେ ଉଭା ହୋଇଛନ୍ତି । ୨୦୧୮ ପରଠାରୁ, ସେ ଏହି ଫର୍ମାଟରେ ସର୍ବାଧିକ ସଂଖ୍ୟକ ବିପକ୍ଷ ଓପନରଙ୍କୁ ଆଉଟ କରିଛନ୍ତି । ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ନାମରେ ଥିଲା, ଯିଏ ଓପନରମାନଙ୍କୁ ୧୨ଥର ଆଉଟ କରିଥିଲେ ।

କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ କୋଲକାତା ଟେଷ୍ଟର ପ୍ରଥମ ଦିନରେ, ପ୍ରଥମ ଇନିଂସର ତାଙ୍କର ପ୍ରଥମ ସ୍ପେଲରେ, ବୁମ୍‌ରା କେବଳ ଉଭୟ ବିପକ୍ଷ ଓପନରଙ୍କୁ ଆଉଟ କରି ନ ଥିଲେ ବରଂ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ରେକର୍ଡ ମଧ୍ୟ ଭାଙ୍ଗି ଦେଇଥିଲେ । ଏହା ଟେଷ୍ଟ କ୍ରିକେଟରେ ବୁମ୍‌ରା ଜଣେ ଓପନରଙ୍କୁ ୧୩ତମ ଥର ଆଉଟ କରିଥିଲେ ।

ବୁମ୍‌ରା ପ୍ରଥମେ ରିଆନ ରିକେଲଟନଙ୍କୁ କ୍ଲିନ ବୋଲ୍ଡ କରିଥିଲେ ଏବଂ ତା'ପରେ ଏଡେନ ମାର୍କ୍ରମଙ୍କୁ ପଛରେ ପକାଇଥିଲେ । ପ୍ରଥମ ଉଇକେଟରେ ତାଙ୍କର ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିଲେ । ସେ ଘଣ୍ଟା ପ୍ରତି ୧୪୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଥିଲେ । ଦ୍ୱିତୀୟ ଉଇକେଟରେ ରିଷଭ ପନ୍ତଙ୍କ ଆଘାତରୁ ଫେରିବା ପରେ ପ୍ରଥମ ଚମତ୍କାର କ୍ୟାଚ ଥିଲା । ବୁମ୍‌ରା ତାଙ୍କର ପ୍ରଥମ ସ୍ପେଲରେ ଦକ୍ଷିଣ ଆଫ୍ରିକାର ଓପନରମାନଙ୍କୁ ଆଉଟ କରିଥିଲେ, ୭ ଓଭରରେ ୯ ରନ ଦେଇଥିଲେ, ଯେଉଁଥିରେ ୪ ମେଡେନ ଓଭର ମଧ୍ୟ ସାମିଲ ଥିଲା । କ୍ଲିନ ବୋଲିଂ କରି ରିଆନ ରିକି ପଣ୍ଟିଂ, ବୁମ୍‌ରା ଅଶ୍ୱିନଙ୍କୁ ପଛରେ ପକାଇ ଦେଇଥିଲେ । ସେ ଏବେ ତୃତୀୟ ସର୍ବାଧିକ ଭାରତୀୟ ଉଇକେଟ ନେଇଥିବା ବୋଲର ହୋଇଛନ୍ତି । ଏହା ୧୫୨ତମ ଥର ଥିଲା ଯେତେବେଳେ ବୁମ୍‌ରା ଜଣେ ବ୍ୟାଟ୍‌ସମ୍ୟାନଙ୍କୁ ବୋଲ୍ଡ କରିଥିଲେ । ଏହି ଦୃଷ୍ଟିରୁ ସେ ଅଶ୍ୱିନଙ୍କୁ ପଛରେ ପକାଇ ଦେଇଥିଲେ, ଯିଏ ଭାରତରେ ୧୫୧ କ୍ଲିନ ବୋଲ୍ଡ ବ୍ୟାଟସମ୍ୟାନ ଅଛନ୍ତି । କୁମ୍ବଲେ ୧୮୬ ଥର କ୍ଲିନ ବୋଲ୍ଡ କରିଛନ୍ତି, କପିଲ ଦେବ ୧୬୭ କ୍ଲିନ ବୋଲ୍ଡ ଉଇକେଟ ନେଇଛନ୍ତି ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲା ଦଳର ଚୟନ ପ୍ରକ୍ରିୟା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁରସ୍ଥିତ ଦଶହରା ପଡିଆ ଷ୍ଟାଡିୟମ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କୋରାପୁଟ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଦ୍ୱିତୀୟ ଦିବସରେ ରେଡ ଏବଂ ଓରେଞ୍ଜ ଦଳ ବିଜୟୀ ହୋଇଛନ୍ତି । ସମୁଦାୟ ୪ ଦଳକୁ ନେଇ ଗଠନ କରାଯାଇ ପ୍ରତିଯୋଗିତା ମାଧ୍ୟମରେ ଖେଳାଳି ଚୟନ କରାଯାଉଛି । ପ୍ରଥମ ମ୍ୟାଚ୍ ଦଶହରା ପଡ଼ିଆ ଠାରେ ରେଡ୍ ଏବଂ ୟାଲୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଡ୍ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ୩୧.୪ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲେ । ନିର୍ଦ୍ଧାରିତ ବିଜୟୀ ରନର ପିଛା କରି ୟାଲୋ ଦଳ ୯.୩ ଓଭରରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୪୦ ରନ ସଂଗ୍ରହ କରିଥିଲେ ଏହିପରି ରେଡ ଦଳ ୧୭୩ ରନରେ ବିଜୟୀ ହୋଇଥିଲେ । ବିଜୟୀ ରେଡ୍ ଦଳର ବିକାଶ ପାଟିକା ୧୦୯ ରନ କରିଥିଲେ । ସେହି ଶ୍ରେଷ୍ଠ ବୋଲର ଭାବେ ରେଡ୍ ଦଳର ଓମ ବାହାଦୁର ଲାମା ୪.୩ ଓଭରରେ ୨୧ରନ ଦେଇ ୬ଟି ଓ୍ୱିକେଟ ହାସଲ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡ଼ିଆ ଠାରେ ବ୍ଲୁ ଏବଂ ଓରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ଲୁକ ଦଳ ବ୍ୟାଟିଂ କରିଥିଲେ ଏବଂ ୨୩.୪ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲେ । ବିଜୟୀ ଲକ୍ଷ୍ୟ ନେଇ ଓରେଞ୍ଜ ଦଳ ୨୫.୨ ଓଭରରେ ୭ଟି ଓ୍ୱିକେଟ ହରାଇ ୧୦୬ ରନ ସଂଗ୍ରହ କରିବା ସହ ୩ ଓ୍ୱିକେଟରେ ବିଜୟୀ ହୋଇଥିଲେ । ଏହି ପ୍ରଥମ ମ୍ୟାଚ୍‌ରେ ଅନୁପ ପାତ୍ର ଏବଂ ଦ୍ୱିତୀୟ ମ୍ୟାଚରେ ଏଡିମୁଲାମ ହର୍ଷବର୍ଦ୍ଧନ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଅମ୍ପାୟାର ଭାବେ ପ୍ରଥମ ମ୍ୟାଚ୍‌ରେ ପ୍ରିୟ ରଞ୍ଜନ ପାତ୍ର, ଅବେଦ ନାୟକ ଏବଂ ଦ୍ୱିତୀୟ ମ୍ୟାଚରେ ଶୁଭମ ସିଂ ଓ ପ୍ରସନ୍ନ ବେହେରା ମ୍ୟାଚ ପରିଚାଳନା କରିଥିଲେ । ସେହିପରି ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର, ଅକ୍ଷୟ କୁମାର ପ୍ରଧାନୀ, ସାହୁକାର ଗୌରବ ଏବଂ ଶୁଭମ ସ୍ୱାଗତ ସ୍ୱାଇଁ ସ୍କୋର ଲେଖକ ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ । ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକଙ୍କ ତତ୍ତ୍ୱାଧାନରେ ୩ଜଣ ଚୟନକର୍ତ୍ତା ବାବୁଲା ରାଉତ, ବାପି ପରିଡା, ବଳରାମ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ପୂର୍ବାଞ୍ଚଳ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ–୨୦୨୫'

# ଏଫଏମୟୁର ଗବେଷକ ଛାତ୍ରମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଛଅଜଣ ଗବେଷଣାରତ ଛାତ୍ର ନିଜର ଉତ୍କୃଷ୍ଟ ଗବେଷଣା ପ୍ରଦର୍ଶନ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ସମ୍ମାନକୁ ଉଚ୍ଚସ୍ତରର ପହଞ୍ଚାଇଛନ୍ତି । ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଦ୍ୱାରା ଆୟୋଜିତ ଏବଂ ଅରୁଣାଚଳ ପ୍ରଦେଶର ପାସିଘାଟ ସ୍ଥିତ ଏପେକ୍ସ ପ୍ରଫେସନାଲ ୟୁନିଭର୍ସିଟି ଠାରେ ଆୟୋଜିତ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ–୨୦୨୫'ରେ (୧୧–୧୨ ନଭେମ୍ବର ୨୦୨୫) ଯୋଗଦେଇ ଏହି ସଫଳତା ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟର ଗବେଷକ ଦଳ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ, ମୌଳିକ ବିଜ୍ଞାନ ଏବଂ ବହୁମୁଖୀ-ଗବେଷଣା (ସିଆରସିଆଇଏଚଏସସି) ସହିତ ଚାରିଟି ମୁଖ୍ୟ ବିଷୟରେ ନୂତନତ୍ୱ ନେଇ ଗବେଷଣା ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ସୁନୀଲ କୁମାର ଗୋଛି ଏବଂ ସଞ୍ଜିତ କୁମାର ସାହୁ, 'କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ' ବିଭାଗରେ ନିଜ ଗବେଷଣା ପ୍ରକଳ୍ପ 'ଗ୍ରାମୀଣ ସାମାଜିକ ଅର୍ଥନୈତିକ ବିକାଶରେ ପାନରସରୁ ପ୍ରସ୍ତୁତ ମଶାନିରୋଧକର ଭୂମିକା' ପାଇଁ ଦ୍ୱିତୀୟ ରନର୍ସଅପ୍ ପୁରସ୍କାର ଅର୍ଜନ କରିଛନ୍ତି । ସେମାନଙ୍କ ଉନ୍ନତ ଆବିଷ୍କାରକ ଧାରଣା, ଯାହା ଗ୍ରାମୀଣ ଜୀବିକା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସ୍ଥିରତା ସହ ଜଡ଼ିତ ରହିଥିବାର ଚିତ୍ର ଉପସ୍ଥିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା । ଅନ୍ୟ ଅଂଶଗ୍ରାହୀ ଗବେଷକମାନେ ହେଲେ- ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ : ଜ୍ୟୋତି ପ୍ରକାଶ ମହାନ୍ତି ଓ ଶୁଭେନ୍ଦୁ ଶେଖର ପାଣି (ଜୀବ ବିଜ୍ଞାନ ଓ ବାୟୋଟେକ୍ନୋଲଜି ବିଭାଗ) ମୌଳିକ ବିଜ୍ଞାନ : ଗୌତମ ଚନ୍ଦ୍ର ମାଳିକ (ରସାୟନ ବିଭାଗ) ବହୁମୁଖୀ ବିଷୟକ ଗବେଷଣା : ସୌମ୍ୟରଞ୍ଜନ ଦାଶ (ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ହର୍ସସ୍ୟୁ କ୍ରାବ୍) 'ଅନ୍ୱେଷଣ–୨୦୨୫' ପାଇଁ ବିଶ୍ୱବିଦ୍ୟାଳୟ ସ୍ତରର ପ୍ରାଥମିକ ଚୟନ ଗତ ୧୬ ଅକ୍ଟୋବର ୨୦୨୫ ରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ବିଷୟ ନିପୁଣ ଚୟନକର୍ତ୍ତା ମଣ୍ଡଳୀ ଯୋଗଦେଇ ମୂଲ୍ୟାୟନ କରିଥିଲେ । ସମଗ୍ର କାର୍ଯ୍ୟସୂଚୀର ସଂଗଠନ ଏବଂ ସମନ୍ୱୟ ଛାତ୍ର କଲ୍ୟାଣ ବିଭାଗ ଦ୍ୱାରା ହୋଇଥିଲା ତଥା ଡକ୍ଟର ନିହାର ରଞ୍ଜନ ରାଉତ (ନିର୍ଦ୍ଦେଶକ, ଛାତ୍ର କଲ୍ୟାଣ ଏବଂ ବିଶ୍ୱ-ବିଦ୍ୟାଳୟସ୍ତରୀୟ 'ଅନ୍ୱେଷଣ' ସମନ୍ୱୟ-କାରୀ)ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସଫଳ ଗବେଷକ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିବିଧ ଗବେଷଣାର ଉତ୍ସ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ନବୀନତାକୁ ଆଧାର କରି ସମାଜିକ ତଥା ଜାତୀୟସ୍ତରରେ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟକୁ ଅଗ୍ରସର କରିବାନେଇ ଆଶାବ୍ୟକ୍ତ କରିଛନ୍ତି ।

# କ୍ରୀଡ଼ା ଇତିହାସରେ ଯୋଡିହେଲା ବଲାଙ୍ଗୀରର ନବନିର୍ମିତ ଲନ୍‌ବଲ୍ କୋର୍ଟ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର କ୍ରୀଡା ଇତିହାସରେ ଏକ ଗୌରବମୟ ଫର୍ଦ୍ଦ ଯୋଡ଼ି ହୋଇଛି । ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଭିତରେ ନବନିର୍ମିତ ଲନ୍‌ବଲ୍ କୋର୍ଟକୁ ବିଶେଷଜ୍ଞ ଟିମ୍ ସ୍ୱୀକୃତି ପ୍ରଦାନ କରିଛି । ଆଗାମୀ ଦିନରେ ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମ୍ୟାଚ୍ ଆୟୋଜନ ହୋଇପାରିବ ବୋଲି ଜାତୀୟ ଲନ୍‌ବଲ ସଂଘ ଗ୍ରୀନ୍ କମିଟି ଅଧ୍ୟକ୍ଷ ବିଶ୍ୱନାଥ ପାଇ କହିଛନ୍ତି ।

ଗୁରୁବାର ଏହି ଲନ୍‌ବଲ କୋର୍ଟ ପରିଦର୍ଶନରେ ଆସି ଗ୍ରୀନ କମିଟି ଅଧ୍ୟକ୍ଷ ଖୁସି ବ୍ୟକ୍ତ କରିଥିଲେ । ଓଡ଼ିଶାର ଜିଲ୍ଲାସ୍ତରରେ ଅନ୍ତର୍ଜାତୀୟମାନର ଏକ ଲନ୍‌ବଲ କୋର୍ଟ ପ୍ରସ୍ତୁତ କରିଥିବାରୁ ଏଠାରୁ ଆଗାମୀ ଦିନରେ ବହୁ ପ୍ରତିଭାବାନ୍ ଲନ୍‌ବଲ ଖେଳାଳି ବାହାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଏହି ଲନ୍‌ବଲ କୋର୍ଟ ବିଶ୍ୱସ୍ତରୀୟ ହୋଇଛି । ତେବେ ଏଠାରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ମ୍ୟାଚ୍ ଆୟୋଜନ କରିବାକୁ ହେଲେ ଆହୁରି ଅନେକ କିଛି ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ପଡିବ । ଖେଳାଳିମାନଙ୍କ ପାଇଁ ବିଶ୍ୱସ୍ତରୀୟ ଟଏଲେଟ୍, ଚେଞ୍ଜିଂ ରୁମ୍ ଏବଂ ରହଣିର ବ୍ୟବସ୍ଥା କରିବାକୁ ହେବ । ସେଥିପାଇଁ ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । କେବଳ ବଲାଙ୍ଗୀର ଜିଲା ନୁହେଁ ଓଡ଼ିଶାର ପ୍ରତିଭାବାନ ଲନ୍‌ବଲ ଖେଳାଳିଙ୍କୁ କୋଚିଂ ସୁବିଧା ଯୋଗାଇବାକୁ ପଡିବ ବୋଲି କହିଥିଲେ । ଏହି ପରିଦର୍ଶନ ସମୟରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦେଇ ବିଶ୍ୱସ୍ତରୀୟ ଲନ୍‌ବଲ କୋର୍ଟ ସ୍ୱୀକୃତି ଏକ ବଡ ଉପଲବ୍ଧତ୍ ବୋଲି କହି ଆଗକୁ ଏହି ଷ୍ଟାଡିୟମର ବିକାଶ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ, ସ୍ପୋର୍ଟସ ହଷ୍ଟେଲ କୋଚ୍ ପରାଶର ବାଗ୍, ରାଜ୍ୟ ଲନ୍ ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏବଂ ଲନ୍‌ବଲ କୋଚ୍ କୈଳାସ ମାଝି, ନରସିଂହ ରଣା, ବିଷ୍ଣୁପ୍ରିୟା ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।



# ଚତୁର୍ଥ ଦିନରେ ସଂଯୁକ୍ତ କୃଷକ ସଂଗଠନର ଧାରଣା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଲିଥିବା ଚାଷୀ ଆନ୍ଦୋଳନ ଚତୁର୍ଥ ଦିନରେ । ପ୍ରକାଶ ଥାଉକି ଧାନ କାର୍ଡ ପଞ୍ଜିକରଣ ପ୍ରକ୍ରିୟା ବାଦ୍ ପଡ଼ିଥିବା ବରଗଡ଼ ଜିଲ୍ଲାର ହଜାର ହଜାର ଚାଷୀ ଗତ ସୋମବାର ଦିନ ଠାରୁ ଆନ୍ଦୋଳନ ଜାରି ରଖି, ଯେ ପର୍ଯ୍ୟନ୍ତ ଧାନ କାର୍ଡ ପଞ୍ଜିକରଣ ନ ହେବ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଜର ଜିଦ୍‌ରେ ଅଟଳ ରହି ପ୍ରଶାସନର ନିଦ ହଜାଇଦେବା ସହିତ ସରକାରକୁ ଦୃଢ଼ ଭାବରେ ଚେଲେଞ୍ଜ କରିଛନ୍ତି । ସେମାନଙ୍କର ଗୋଟିଏ ଦାବି ପଞ୍ଜିକରଣ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କ ଧାନ କାର୍ଡ ପଞ୍ଜିକରଣ କରାଯାଉ, ଯେପରି କୌଣସି ଚାଷୀ ଧାନ ବିକ୍ରିରୁ ବଞ୍ଚିତ ନ ହେଉ । ଏବେ ସେମାନେ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି । ମାର୍ଗଶିର ମାସ ଦ୍ୱିତୀୟ ଗୁରୁବାର ଥିବାରୁ ଚାଷୀମାନେ ଆନ୍ଦୋଳନ ସ୍ଥଳରେ ମା' ମହାଲକ୍ଷ୍ମୀଙ୍କ ପୂଜା ସମ୍ପୂର୍ଣ୍ଣ ବିଧିବିଧାନ ସହିତ କରି ସମସ୍ତ ଅଫିସର, ପୋଲିସ, ସାମ୍ବାଦିକ, ଉପସ୍ଥିତ ସମସ୍ତ ଚାଷୀ ଓ ଗାଇଗୋରୁ ମାନଙ୍କୁ ପ୍ରସାଦ ବଣ୍ଟନ କରି ନିଜେ ମଧ୍ୟ ଗ୍ରହଣ କରିଥିଲେ । ଆନ୍ଦୋଳନ ଚାପରେ ବାଧ୍ୟ ହୋଇ ଏକ କାଳୀନ ସମସ୍ତ ମାର୍କେଟ ୟାର୍ଡ଼ ଖୋଲିବାକୁ ବାଧ୍ୟ ହୋଇଛନ୍ତି, ଏହା ଆନ୍ଦୋଳନକୁ ଆଂଶିକ ସଫଳତା ମିଳିବା ସହିତ ଆନ୍ଦୋଳନକାରୀଙ୍କ ସାହସ ଓ ଉତ୍ସାହକୁ ଦ୍ୱିଗୁଣିତ କରିଛି । ଗୁରୁବାର ଆନ୍ଦୋଳନ ସ୍ଥଳକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ସମର୍ଥନର ସୁଅ ଛୁଟିଥିବା ବେଳେ ରେଶମ ମାର୍କେଟର ଚାଷୀ ବୃନ୍ଦ, କୋଶଳ ସେନା, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ବାରପାହାଡ଼ କୃଷକ ସଙ୍ଗଠନ, ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ, ଆଞ୍ଚଳିକ କୃଷକ ମହାସଂଘ, ସଂଯୁକ୍ତ କୃଷକ ସଙ୍ଗଠନର ସଦସ୍ୟ ମାନେ ସଭାକୁ ସମ୍ବୋଧନ କରିଥିଲେ ।



# ପୂର୍ବତଟ ରେଳପଥ ଦ୍ୱାରା ଜନଜାତୀୟ ଗୌରବ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ଆଦିବାସୀ ନାୟକମାନଙ୍କ ବୀରତ୍ୱ, ଦୂରଦୃଷ୍ଟି ଏବଂ ଅସାଧାରଣ ଅବଦାନ ପ୍ରତି ଏକ ଉତ୍ସାହୀ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ଜନଜାତୀୟ ଗୌରବ ବର୍ଷ ପଖୱାଡ଼ା ୨୦୨୫ ନଭେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳିତ ହେଉଛି । ଏହି ଦୁଇ ପକ୍ଷ ଧରି ପାଳନ ବର୍ଷବ୍ୟାପୀ ଜନଜାତୀୟ ଗୌରବ ବର୍ଷର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ଭାରତର ସବୁଠାରୁ ପୂଜ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଏବଂ ଉପନିବେଶବାଦୀ ପ୍ରଭୁତ୍ୱ ବିରୁଦ୍ଧରେ ପ୍ରତିରୋଧର ଏକ ସ୍ଥାୟୀ ପ୍ରତୀକ – ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମବାର୍ଷିକୀକୁ ସ୍ମରଣ କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଆଦିବାସୀ ସମ୍ପ୍ରଦାୟର ଐତିହାସିକ ଭୂମିକା ଏବଂ ସାଂସ୍କୃତିକ ସମୃଦ୍ଧିକୁ ସ୍ୱୀକାର କରି, ସେମାନଙ୍କର ସାହସ, ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣର କାହାଣୀକୁ ଜାତୀୟ ଚେତନା ସହିତ ଜଡ଼ିତ କରିବା ପାଇଁ ଜନଜାତି ଗୌରବ ବର୍ଷ ପାଳନ କରିବାର ଘୋଷଣା କରିଥିଲେ । ତାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଭାରତ ସରକାର ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଜନଜାତି ଗୌରବ ଦିବସକୁ ପ୍ରତିଷ୍ଠା କରିଥିଲେ, ଯାହା ଦ୍ୱାରା ଭଗବାନ ବିର୍ସା ମୁଣ୍ଡା ଏବଂ ଅନ୍ୟାନ୍ୟ ଜନଜାତି ପ୍ରତୀକଙ୍କ ଐତିହ୍ୟ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ।

ଦେଶବ୍ୟାପୀ ଉତ୍ସବ ଏବଂ 'ଆଦିବାସୀଙ୍କୁ ସଶକ୍ତ କରିବା, ଭାରତକୁ ପରିବର୍ତ୍ତନ କରିବା' ବିଷୟବସ୍ତୁ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ, ରେଳ ସଦନ, ଭୁବନେଶ୍ୱରରେ ଜନଜାତୀୟ ଗୌରବ ଦିବସ ପାଳନ କରିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବିଏସକେ ରାଜକୁମାର ଅଧ୍ୟକ୍ଷତା କରିଥିଲେ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉତ୍ସାହରସହ ଯୋଗ ଦେଇଥିଲେ ।



ରେଳ ସଦନର ନର୍ଥ ବ୍ଲକ୍ର ଆଟ୍ରିଅମ୍‌ରେ ଏକ ପ୍ରାଣବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା : ପାରମ୍ପରିକ ଆଦିବାସୀ କଳାକୃତି ଏବଂ ସାଂସ୍କୃତିକ ବସ୍ତୁ । ଆଦିବାସୀ କାରିଗରଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ । ଆଦିବାସୀ ଜୀବନଶୈଳୀ ଏବଂ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ । ଆଦିବାସୀ ଇତିହାସ, ଐତିହ୍ୟ ଏବଂ ଭାରତର ବିକାଶରେ ସେମାନଙ୍କର ଅବଦାନକୁ ପ୍ରଦର୍ଶିତ କରୁଥିବା ପ୍ରଦର୍ଶନୀ ।

ଏହି ପ୍ରଦର୍ଶନୀଗୁଡ଼ିକ ପରିଦର୍ଶକମାନଙ୍କୁ ଭାରତର ଆଦିବାସୀ ସମ୍ପ୍ରଦାୟର ସୃଜନ-ଶୀଳତା, କାରିଗରୀ ଏବଂ ସାଂସ୍କୃତିକ ଗଭୀରତାର ଏକ ନିବିଡ଼ ଝଲକ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମ ସମୟରେ ପ୍ରଦର୍ଶିତ ସାଂସ୍କୃତିକ ପ୍ରଦର୍ଶନ ଆଦିବାସୀ ସମାଜର ତାଳ, ଶକ୍ତି ଏବଂ କାହାଣୀ କହିବା ପରମ୍ପରାକୁ ଜୀବନ୍ତ କରିଥିଲା । ବହୁ ସଂଖ୍ୟକ ପୂର୍ବତଟ ରେଳବାଇ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ, ଯାହା ସଂଗଠନର ଅନ୍ତର୍ଭୁକ୍ତି, ବିବିଧତା ପ୍ରତି ସମ୍ମାନ ଏବଂ ଆଦିବାସୀ ଐତିହ୍ୟର ସ୍ୱୀକୃତି ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୧୫ ନଭେମ୍ବର ୨୦୨୫ ଶନିବାର





# ପୁରୀ ପୋଲିସ ଦ୍ୱାରା ସହରର ବିଭିନ୍ନ ସାହି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯାତାୟାତ ବ୍ୟବସ୍ଥାର ସମୀକ୍ଷା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଦିନଗୁଡିକରେ ପର୍ଯ୍ୟଟନ ଋତୁରେ ପୁରୀକୁ ବହୁସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ଆସିବେ। ଗମନାଗମନକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତୀକ ସିଂହ ବିଭିନ୍ନ ଅଧିକାରୀ ମାନଙ୍କ ସହ ଶୁକ୍ରବାର ଦିନ ପୁରୀ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ସମୀକ୍ଷା କରିଥିଲେ। ଏଥିରେ ଅତିରିକ୍ତ ଏସପି ସଚିନ ପଟେଲ, ଡି.ଏସ୍.ପି. ଟ୍ରାଫିକ୍ ରାଜକୁମାର ପରିଡ଼ା, ଆଇ.ଆଇ.ସି. ଟାଉନ୍ ଗୋକୁଲ ରଞ୍ଜନ ଦାଶ, ଆଇ.ଆଇ.ସି. ସି ବିଚ ମାନସ ଚକ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଚୈତନ୍ୟ ଛକ, ମୋଚି ସାହି, ଜହ୍ନିମୁଣ୍ଡିଆ ଛକ, ଭୋଗ ଜାଗା ଏବଂ ମାଟି ମଣ୍ଡପ ସାହିକୁ ପରିଦର୍ଶନ କରିଥିଲେ ସେଠାକାର ଅବସ୍ଥା, ଯାତାୟାତ ପରିବହନ ସ୍ଥିତି, ଗଳିପଥ ସଂକୁଚନ, ଅସୁବିଧା ସ୍ଥାନ ଏବଂ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ମୂଲ୍ୟାୟନ କରିଥିଲେ। ଯାତାୟାତ ବ୍ୟବସ୍ଥାର ବିସ୍ତୃତ ଆଲୋଚନା ସହ ଡି.ଏସ୍.ପି. ଟ୍ରାଫିକ ଏହି ରାସ୍ତା ଚଉଡ଼ା, ଭିଡ଼, ପାର୍କିଂ ସମସ୍ୟା, ବାଇକର ଅନଧିକୃତ ରଖିବା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଚୈତନ୍ୟ ଛକ ଓ ଭୋଗ ଜାଗାରେ ବେଳେବେଳେ ହେଉଥିବା ଜାମକୁ କିପରି ନିୟନ୍ତ୍ରଣ କରାଯିବ ସେଥିପାଇଁ ସ୍ଥାନୀୟ ମାନଚିତ୍ର ସହିତ ବିଶେଷ ଆଲୋଚନା ହେଲା। ସ୍ଥାନୀୟ ବାସିନ୍ଦା ଓ ମୋଚି ସାହି, ଜହ୍ନିମୁଣ୍ଡିଆ ଓ ମାଟିମଣ୍ଡପ ସାହିର ଅନେକ ସେବାୟତ, ବୃଦ୍ଧ, ବ୍ୟବସାୟୀ ଓ ସାଧାରଣ ବାସିନ୍ଦାଙ୍କ ସହ ଏସପି ସିଧାସଳଖ କଥା ହୋଇଥିଲେ।

ସେମାନଙ୍କ ଯାତାୟାତ ଏବଂ ସୁରକ୍ଷା ସମସ୍ୟା ସମ୍ବନ୍ଧୀୟ ଆବଦନକୁ ତାଲିକାଭୁକ୍ତ କରାଗଲା। ତ୍ରୁଟି ଥିବା ସ୍ଥାନର ସିସିଟିଭି ଆବଶ୍ୟକତା, ଗଳିପଥର ଅବରୋଧ ଅସୁବିଧାକୁ ଯାଞ୍ଚ କରାଗଲା। ଆଗାମୀ ପର୍ଯ୍ୟଟକ ଋତୁ ଓ ଉତ୍ସବ ଅବସରରେ ଭିଡ଼ ବେଶୀ ହେବା ଅନୁମାନ କରି ସି ବିଚ ଅଞ୍ଚଳରେ ମାଟିମଣ୍ଡପ ସାହି ଗଳିପଥରେ ପୋଲିସ ଡିଉଟି ସହ ନିରୀକ୍ଷଣ କରିବାକୁ ପ୍ରସ୍ତାବ ଦିଆଗଲା। ଏହାସହ ରାତ୍ରି ସମୟରେ ପିସିଆର ମାଧ୍ୟମରେ ପେଟ୍ରୋଲିଙ୍ଗ କରାଯିବ। ଏସ୍‌ପି ପ୍ରତୀକ ସିଂହ କହିଛନ୍ତି ଯେ, ପୁରୀ ସହର ସମଗ୍ର ଦେଶର ଆସ୍ଥାର କେନ୍ଦ୍ର। ସାଧାରଣ ଲୋକଙ୍କ ସୁବିଧା, ଭକ୍ତଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା ଆମର ପ୍ରଥମ ପ୍ରାଥମିକତା। ପରିଦର୍ଶିତ ସମସ୍ତ ସ୍ଥାନରେ ଶୀଘ୍ର ଜରୁରୀ ପଦକ୍ଷେପ ନିଆଯିବ। ପୁରୀ ପୋଲିସ୍ ସର୍ବଦା ଲୋକଙ୍କ ପାଖରେ, ସେବାରେ, ସୁରକ୍ଷାରେ ନିୟୋଜିତ ରହିବ। ଲୋକଙ୍କ ଆପଦକାଳୀନ ସହଯୋଗ ପାଇଁ ହେଲ୍ପଲାଇନ୍ ନମ୍ବର ୧୧୨ରେ ଯୋଗାଯୋଗ କରିବା ପାଇଁ ସୂଚିତ କରାଗଲା। ସହରର ସମସ୍ତ ସାହି, ଛକ, ପର୍ଯ୍ୟଟକ, ଏକତ୍ରିତ ସ୍ଥାନ ଓ ଧାର୍ମିକ ସ୍ଥାନଗୁଡ଼ିକର ସୁବିଧା, ସୁରକ୍ଷା ଓ ଯାତାୟାତକୁ ଉନ୍ନତ କରାଯିବ।

# ପୂର୍ବତଟ ରେଳପଥ ପକ୍ଷରୁ ୧୭ରୁ ସର୍ବଭାରତୀୟ ରେଳୱେ ବ୍ରିଜ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ୧୭ ରୁ ୧୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମଞ୍ଚେଶ୍ୱରସ୍ଥିତ ରେଳୱେ ଇନଡୋର ଷ୍ଟାଡିୟମରେ ୪୭ତମ ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍ ଆୟୋଜନ କରି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି।

ପ୍ରଥମ ଥର ପାଇଁ ପୂର୍ବତଟ ରେଳପଥକୁ ରେଲୱେ କ୍ରୀଡ଼ା ପ୍ରମୋସନ ବୋର୍ଡ ପକ୍ଷରୁ ଏହି ପ୍ରତିଷ୍ଠିତ ଜାତୀୟ ଆୟୋଜନର ଦାୟିତ୍ୱ ସମର୍ପିତ କରାଯାଇଛି ଯାହା କ୍ରୀଡ଼ା କ୍ଷେତ୍ରରେ ସଂଗଠନର ବଢୁଥିବା ସ୍ଥାନ ଓ ପ୍ରତିଷ୍ଠାକୁ ପ୍ରକାଶ କରେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦକ୍ଷ ପରିଚାଳନା ଓ ପ୍ରେରଣାଦାୟକ ମାର୍ଗଦର୍ଶନରେ ଏହି ପଦକ୍ଷେପ ଫଳବତୀ ହୋଇଛି। ତାଙ୍କ ନେତୃତ୍ୱ ଏହି ଜୋନର କ୍ରୀଡ଼ା ଭିତ୍ତିଭୂମିକୁ ଦୃଢ଼ କରିବା ସହିତ କ୍ରୀଡ଼ା ଉତ୍କର୍ଷତାକୁ ଉନ୍ନତିର ନୂଆ ସୀମାରେ ପହଁଞ୍ଚାଇଛି।

ଶ୍ରୀ ଫୁଙ୍କୱାଲଙ୍କ ବୃତ୍ତିଗତ ସଂଗଠନ, ଖେଳାଳି ସମର୍ଥନ ଏବଂ ସୁବିଧା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଫଳରେ ପୂର୍ବତଟ ରେଳପଥ ପ୍ରମୁଖ ଜାତୀୟ ସ୍ତରୀୟ ଚାମ୍ପିଅନସିପ୍‌ମାନଙ୍କ ପାଇଁ ଏକ ପସନ୍ଦିତ ସ୍ଥାନ ଭାବରେ ଉଭା ହେବାକୁ ସକ୍ଷମ ହୋଇଛି। ବ୍ରିଜ୍ ଭଳି ମନ ଏବଂ ରଣନୀତିଭିତ୍ତିକ କ୍ରୀଡ଼ାର ବିକାଶ ପ୍ରତି ତାଙ୍କର ପ୍ରୋତ୍ସାହନ ଏବଂ ଆଗ୍ରହ ପୂର୍ବତଟ ରେଳପଥକୁ ଏହି ପ୍ରମୁଖ ଇଭେଣ୍ଟର ଆୟୋଜକ ଭାବରେ ମନୋନୀତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ଏହି ଚାମ୍ପିଅନସିପ୍ ଓଡ଼ିଶା ବ୍ରିଜ୍ ଆସୋସିଏସନ୍‌ର ସକ୍ରିୟ ସମର୍ଥନରେ ପରିଚାଳିତ ହେଉଛି।

ପୂର୍ବ ରେଳପଥ, ଦକ୍ଷିଣ ପୂର୍ବ ରେଳପଥ, ମେଟ୍ରୋ ରେଳ, କେନ୍ଦ୍ରୀୟ ରେଳପଥ ଏବଂ ପୂର୍ବତଟ ରେଳପଥର ଦଳଗୁଡ଼ିକ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏଥିରେ ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାର୍ଙ୍ଗ୍ କ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଏବଂ ସନ୍ଦୀପ ଦତ୍ତଙ୍କ ସମେତ ଭାରତର କିଛି ସଫଳ ବ୍ରିଜ୍ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଖେଳାଳି ଏସିଆନ୍ ଗେମ୍ସ, କମନୱେଲ୍ଥ ଚ୍ୟାମ୍ପିଅନସିପ୍ ଏବଂ ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ଭାରତକୁ ଗର୍ବର ସହିତ ପ୍ରତିନିଧିତ୍ୱ କରିଛନ୍ତି। ଏହି ତିନିଦିନିଆ ଚାମ୍ପିଅନସିପ୍‌ରେ ଦଳଗତ ଇଭେଣ୍ଟ, ବୋର୍ଡ-ଏ ମ୍ୟାଚ୍ ଏବଂ ପେୟାର୍ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଅଛି। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହା ଭାରତୀୟ ରେଳବାଇ ବ୍ରିଜ୍ ଦଳର ଚୟନ ପରୀକ୍ଷା ଭାବେ ମଧ୍ୟ କାର୍ଯ୍ୟ କରିବ, ଯାହା ଆଗାମୀ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ରେଳବାଇଙ୍କ ପ୍ରତିନିଧିତ୍ୱ କରିବ।

ଏହି ପ୍ରତିଷ୍ଠିତ ଇଭେଣ୍ଟ ଆୟୋଜନ ମାଧ୍ୟମରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା, ଖେଳାଳିଙ୍କ ପାଇଁ ଉତ୍କୃଷ୍ଟ ସୁବିଧା ପ୍ରଦାନ କରିବା ଏବଂ ରେଳବାଇ କ୍ରୀଡ଼ାର ବିକାଶକୁ ସମର୍ଥନ କରିବାରେ ନିଜ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବିଶ୍ୱ ମଧୁମେହ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଶୁକ୍ରବାର ଦିନ ଖୋର୍ଦ୍ଧା ରୋଡ୍‌ସ୍ଥିତ ମଣ୍ଡଳ ରେଳ ହସ୍ପିଟାଲରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଶ୍ୱବ୍ୟାପୀ ବିଷୟବସ୍ତୁ, 'ମଧୁମେହ ଏବଂ ସୁସ୍ଥତା', ରେଳବାଇ ହିତାଧିକାରୀ, କର୍ମଚାରୀ ଏବଂ ରୋଗୀ ମାନଙ୍କ ପାଇଁ ଆୟୋଜିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ସିଏମଏସ) ଡକ୍ଟର ସବିତା ସତପଥୀ ଉଦ୍‌ଘାଟନ କରି ମଧୁମେହ ପରିଚାଳନାରେ ପ୍ରାରମ୍ଭିକ ଚିହ୍ନଟ, ଜୀବନଶୈଳୀ ପରିବର୍ତ୍ତନ ଏବଂ ସାମଗ୍ରିକ ସୁସ୍ଥତାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଡକ୍ଟର ସତପଥୀ ସାଧାରଣ ଲୋକଙ୍କ ମଧ୍ୟରେ ମଧୁମେହର ବଢୁଥିବା ବୋଝକୁ ଏଡ଼ାଇବା ପାଇଁ ନିରନ୍ତର ସଚେତନତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ମଧ୍ୟରେ ଭୁବନେଶ୍ୱର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଡି.ଫାର୍ମା ଛାତ୍ରଛାତ୍ରୀ ମାନଙ୍କ ସହଯୋଗରେ ରେଳମଣ୍ଡଳ ହସ୍ପିଟାଲର ଓପିଡ଼ି କମ୍ପ୍ଲେକ୍ସରେ ଏକ ମଧୁମେହ ଖାଦ୍ୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ମୋଟ ୧୦ଟି ଶିକ୍ଷାଗତ ଷ୍ଟଲରେ ମଧୁମେହ ବିଷୟରେ ବ୍ୟାପକ ସୂଚନା ପ୍ରଦର୍ଶିତ କରାଯାଇ ଏହାର ଲକ୍ଷଣ, ନିର୍ଣ୍ଣୟ, ଜଟିଳତା, ପରିଚାଳନା ଏବଂ ଚିକିତ୍ସା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଆୟୋଜିତ ଷ୍ଟଲଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସଚେତନତା ବାର୍ତ୍ତା ଦର୍ଶାଇଥିଲା ଏବଂ ପରିଦର୍ଶକ ମାନଙ୍କ ପାଇଁ ଏକ ଉତ୍କୃଷ୍ଟ ଶିକ୍ଷଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ମଧୁମେହ ଖାଦ୍ୟ ପ୍ରଦର୍ଶନୀ ଆକର୍ଷଣର କେନ୍ଦ୍ର ରହି ମଧୁମେହ ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ସୁସ୍ଥ ଖାଦ୍ୟ ଅଭ୍ୟାସ ପ୍ରଦର୍ଶନ କରିଥିଲା।

ଓପିଡ଼ିରେ ଉପସ୍ଥିତ ରୋଗୀ, ରେଳ କର୍ମଚାରୀ ଏବଂ ହିତାଧିକାରୀ, ଚିକିତ୍ସା ଅଧିକାରୀ, ନର୍ସିଙ୍ଗ ଅଧିକାରୀ ଏବଂ ଚିକିତ୍ସା କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ଅନ୍ୟାନ୍ୟ ରେଳ ଅଧିକାରୀମାନେ ମଧ୍ୟ ଏହି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଫାର୍ମାସି ବିଭାଗର ଡକ୍ଟର ଜ୍ୟୋତ୍ସ୍ନା ରାଣୀ ଦାଶ, ସୁଶ୍ରୀ ସୁଚରିତା ବାବୁ, ଡକ୍ଟର ବୀଣା ପାଣି ବାରିକ ଏବଂ ପ୍ରଫେସର (ଡକ୍ଟର) କିର୍ତ୍ତିମାୟା ମିଶ୍ର ଯଥା , ଏବଂ ପ୍ରଫେସର (ଡକ୍ଟର) କୀର୍ତ୍ତିମୟ ମିଶ୍ର ସଫଳତାର ସହିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଖୋର୍ଦ୍ଧା ରୋଡ୍‌ସ୍ଥିତ ରେଳମଣ୍ଡଳର ମଣ୍ଡଳ ରେଳ ହସ୍ପିଟାଲର ଡାକ୍ତରୀ କର୍ମଚାରୀଙ୍କ ସହିତ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରିଥିଲେ ଯାହା କାର୍ଯ୍ୟକ୍ରମର ସୁଗମ ଏବଂ ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିଥିଲା।

## ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବ

# ୱାନ୍ ଷ୍ଟପ୍ ସପ୍ ହେବ ସମବାୟ ଅନୁଷ୍ଠାନ : ସମବାୟ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅର୍ଥନୈତିକ ପ୍ରଗତି ସହ ସାମାଜିକ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ହେଉଛି ସମବାୟ। ଗ୍ରାମୀଣ ଓଡ଼ିଶାର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମବାୟ ଅନୁଷ୍ଠାନକୁ ୱାନ୍ ଷ୍ଟପ୍ ସପ୍‌ରେ ପରିଣତ କରିବାକୁ ପଡ଼ିବ ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ସମବାୟ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଯୋଗ ଦେଇ କହିଥିଲେ, ସମୃଦ୍ଧ ଓଡ଼ିଶାର ଇଂଜିନ୍ ଭାବେ ସମବାୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ତୃଣମୂଳ ସ୍ତରରେ ପ୍ରଭାବଶାଳୀ କାର୍ଯ୍ୟ କରିବା ପାଇଁ ନିଜ ଅଭିଭାଷଣରେ ସେ ଆହ୍ୱାନ କରିଥିଲେ। ସୂଚନଯୋଗ୍ୟ, ନିଖିଳ ଭାରତ ସମବାୟ ସପ୍ତାହ ପାଳନ ପାଇଁ ଚଳିତବର୍ଷର ଥିମ୍ ହେଉଛି; "ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ।" ଆମ ରାଜ୍ୟରେ ସମବାୟ କ୍ଷେତ୍ରକୁ ଆତ୍ମନିର୍ଭର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଆଲୋକପାତ କରିଥିଲେ।

ରାଜ୍ୟସ୍ତରୀୟ ସମବାୟ ପତାକା ଉତୋଳନ ଉତ୍ସବରେ ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ ସପ୍ତାହ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆଜି ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ରାଜ୍ୟ ସମବାୟ ୟୁନିୟନର ମିଳିତ ଆନୁକୂଲ୍ୟରେ ୧୪-୨୦ ନଭେମ୍ବର ପର୍ଯ୍ୟନ୍ତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ କରାଯିବ।

# ନାବାଳିକାକୁ ବଳାତ୍କାର ଅଭିଯୋଗ : ଯୁବକ ଗିରଫ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଜଣେ ୧୪ ବର୍ଷୀୟା ନାବାଳିକାକୁ ବଳାତ୍କାର ଅଭିଯୋଗରେ କୁନ୍ଦେଇ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି। ପ୍ରକାଶ ଥାଉକି ଗତ ଅଗଷ୍ଟ ମାସ ୧୭ତାରିଖରେ ରାଇଘର କେବିକଙ୍ଗା ଗ୍ରାମର ତରୁଣ ଫୌଜଦାର ଉମରକୋଟ ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାକୁ ନେଇ ନିଜ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲା। ପରେ ପରିବାର ଲୋକେ ଥାନାରେ ଏତଲା ଦେବାପରେ ଏତଲାକୁ ଆଧାର କରି କୁନ୍ଦେଇ ପୋଲିସ ତରୁଣକୁ ଗିରଫ କରି ୧୫୬ କେଶ ନମ୍ବରରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ।।। ଓଭରବ୍ରିଜ ନିର୍ମାଣରେ ବିଳମ୍ବ ।।।

# ଆନ୍ଦୋଳନ ଚେତାବନୀ ଦେଲେ ସ୍ଥାନୀୟ ବାସିନ୍ଦା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

୧୬ ନଂ ଜାତୀୟ ରାଜପଥ ହୁମା ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏନେଇ ହୁମା ପଞ୍ଚାୟତ ସମିତି ସଭ୍ୟ ଧ୍ରୁବଚରଣ ପଲାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ମାଧ୍ୟମରେ ଜାତୀୟ ରାଜପଥରେ ନିର୍ମାଣାଧୀନ ଓଭରବ୍ରିଜ୍ କାର୍ଯ୍ୟ ତୁରନ୍ତ ସମାପ୍ତ କରିବାକୁ ଦାବି କରିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ବ୍ରିଜ୍ ନିର୍ମାଣ ଶେଷ ନ ହେବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି ଏବଂ ଅନେକ ଧନଜୀବନ ହାନି ହୋଇଛି। ସ୍କୁଲ, ବ୍ୟାଙ୍କ, ମନ୍ଦିର ଓ ଦୋକାନ ଏହି ରାଜପଥ ପାର୍ଶ୍ୱରେ ଥିବାରୁ ଯାତାୟାତ ବହୁଳ ମାତ୍ରାରେ ହୋଇଥାଏ, ଫଳରେ ଲୋକେ ଓ ବିଶେଷକରି ଛୋଟ ପିଲାମାନେ ଅସୁରକ୍ଷିତ ମନେ କରୁଛନ୍ତି। ପୁଣି ଧୂଳି ଓ ମଇଳା ଯୋଗୁ ଘରୋଇ ସାମଗ୍ରୀ ନଷ୍ଟ ହେବା ସହ ଲୋକମାନେ ରୋଗଗ୍ରସ୍ତ ହେଉଛନ୍ତି। ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନ ହୁଏ, ତେବେ ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନ କରିବାକୁ ସେମାନେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଧ୍ରୁବ ଚରଣ ପଲାଇଙ୍କ ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ବିପ୍ର ଚରଣ ପରିଡ଼ା, ପ୍ରଶାନ୍ତ ପରିଡ଼ା, ମାଧବ ପଲାଇ, ରଙ୍କ ପ୍ରଧାନ, ଗଗନ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ତାଲିମ ନେଲେ ବିଏମ୍‌ସିର ନିର୍ବାଚିତ ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନିର୍ବାଚିତ ପ୍ରତିନିଧିମାନଙ୍କୁ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସଂପର୍କିତ ୨ ଦିନିଆ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଶୁକ୍ରବାର ଦିନ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଓସଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅରିକ୍ତ ସଚିବ ତଥା ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାହୁ, ବିଏମ୍‌ସି ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁ। ବିପର୍ଯ୍ୟୟ ସଂପର୍କରେ ବିଏମ୍‌ସିର ନିର୍ବାଚିତ ପ୍ରତିନିଧି ଏବଂ କର୍ମଚାରୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା।

ଓଡ଼ିଶା ହେଉଛି ଏକ ବାତ୍ୟାପ୍ରବଣ ରାଜ୍ୟ। ଭୌଗଳିକ ଦୃଷ୍ଟି କୋଣରୁ ଓଡ଼ିଶା ଏପରି ଏକ ସ୍ଥାନରେ ରହିଛି ଯେ, ଏଠାରେ ପ୍ରତିବର୍ଷ ଏକାଧିକ ବାତ୍ୟା ହୋଇଥାଏ। ୧୮୦୦ ମସିହାରୁ ୨୦୨୫ ମଧ୍ୟରେ ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରେ ହୋଇଥିବା ବାତ୍ୟାର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରାଯାଇଥିଲା। ବିଗତ ୧୨୫ ବର୍ଷ ମଧ୍ୟରେ ଓଡ଼ିଶା ସର୍ବାଧିକ ୧୦୯ ଟି ବାତ୍ୟାର ସମ୍ମୁଖୀନ ହୋଇଛି ବୋଲି ତଥ୍ୟ ଉପସ୍ଥାପନ କରାଯାଇଥିଲା। ତା' ମଧ୍ୟରେ ୧୯୯୯ ମହାବାତ୍ୟା, ଫାଇଲିନ ରହିଛି। ତେବେ ମହାବାତ୍ୟା ପରେ ଓଡ଼ିଶା ବହୁ କଥା ଶିକ୍ଷାଲାଭ କରିଛି ଏବଂ ବୈଷୟିକ ଜ୍ଞାନ କୌଶଳରେ ମଧ୍ୟ ଦେଶର ଏକ ନମ୍ବର ରାଜ୍ୟ ଭାବେ ପ୍ରତୀୟମାନ ହୋଇଛି। ବାତ୍ୟା ଆସିବା ପୂର୍ବ ପ୍ରସ୍ତୁତି ପାଇଁ ଓଡ଼ିଶା ମୃତ୍ୟୁହାର ଶୂନ୍ୟ କରିପାରିଛି ବୋଲି କହିଛନ୍ତି ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର। ଲୋକ ପ୍ରତିନିଧି ଖାସ୍ କରି ସହରାଞ୍ଚଳ ଲୋକ ପ୍ରତିନିଧିମାନଙ୍କର ସ୍ଥାନୀୟ ଲୋକମାନଙ୍କ ସହ ସିଧାସଳଖ ସଂପର୍କ ରହିଛି। ସେମାନେ ସଂପୃକ୍ତ ଅଞ୍ଚଳର ରାସ୍ତାଘାଟ, ବିପଦ ପ୍ରବଣ ଅଞ୍ଚଳ, ଖାଲୁଆ ଅଞ୍ଚଳ, ପକ୍କା ଓ କଚ୍ଚାଘର କେଉଁଠି ରହିଛି ଇତ୍ୟାଦି ସଂପର୍କରେ ଭଲଭାବେ ଅବଗତ ଥାନ୍ତି। ତେଣୁ ସେମାନେ ବାତ୍ୟା ଆସିବା ପୂର୍ବରୁ କେଉଁଠି କ'ଣ କରିବାକୁ ପଡ଼ିବ, ତାହା ସଙ୍ଗେସଙ୍ଗେ ସୂଚନା ଦେଇପାରିବେ ବା ବିପଦ ସଙ୍କୁଳ ସ୍ଥାନରେ କି ପଦକ୍ଷେପ ନେବାକୁ ହେବ, ସେ ସଂପର୍କରେ ପ୍ରଶାସନକୁ ଅବଗତ କରାଇବା ଦରକାର ବୋଲି ଆଲୋଚନା କରାଯାଇଥିଲା।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅତିରିକ୍ତ କମିଶନର ରତ୍ନାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆପଡ଼ା ଉପନିର୍ବାଚନ...

ଯୋଗ୍ୟ ୨୦୧୪ ବିଧାନସଭା ନିର୍ବାଚନରେ ନୂଆପଡ଼ା ଆସନରେ ଭାରତୀୟ ଜନତା ପାର୍ଟି ପ୍ରଥମ ଥର ପଦ୍ମ ଫୁଟାଇଥିଲା। ସେହି ସମୟରେ ବିଜେପିର ପ୍ରାର୍ଥୀ ବସନ୍ତ ପଣ୍ଡା ବିଜେପିରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୫୫,୨୫୨ ଖଣ୍ଡ ଭୋଟ୍ ମିଳିଥିଲା। ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କୁ ୪୬,୨୦୭ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବସନ୍ତ ପଣ୍ଡା ୯,୬୧୦ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଏହି ଆସନରେ କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୨୦,୩୩୦ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ସେହି ସମୟରେ ରାଜେନ୍ଦ୍ର ଢୋଲକିଆଙ୍କୁ ୬୫,୬୪୭ ଖଣ୍ଡ ଭୋଟ୍ ମିଳିଥିଲା। ୨୦୨୪ ନିର୍ବାଚନରେ ବିଜେଡି ସରକାରର ବିପର୍ଯ୍ୟୟ ଘଟିଥିଲା। କିନ୍ତୁ ରାଜେନ୍ଦ୍ର ଢୋଲକିଆ ପୁଣି ଥରେ ନୂଆପଡ଼ାରେ ବିଜୟୀ ହୋଇଥିଲେ। ସେ ୬୧,୮୨୨ ଖଣ୍ଡ ଭୋଟ୍ ପାଇ କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୧୦,୮୮୧ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ଗତ ନିର୍ବାଚନରେ ବିଜେପି ଏଠାରେ ତୃତୀୟ ସ୍ଥାନରେ ଥିଲା। ତେବେ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏଠାରେ ହୋଇଥିବା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ହାସଲ କରି ପ୍ରଥମ ସ୍ଥାନ ଦଖଲ କରିଛନ୍ତି। ଏଥର ଉପନିର୍ବାଚନରେ ୮୩.୪୫ ପ୍ରତିଶତ ମତଦାନ ହୋଇଥିଲା।

### ବିହାରରେ...

କଂଗ୍ରେସ, ଆରଜେଡି ଏବଂ ଅନ୍ୟ ବିରୋଧୀ ଦଳ ମିଳି ଗଢ଼ିଥିବା ମହାମେଣ୍ଟକୁ ମାତ୍ର ୩୫ଟି ଆସନ ମିଳିଛି। ଅନ୍ୟାନ୍ୟ ସ୍ୱାଧୀନ ଦଳଗୁଡ଼ିକ ୬ ଆସନରେ ବିଜୟୀ ହୋଇଛନ୍ତି। ନୂଆ କରି ନିର୍ବାଚନ ଲଢ଼ିଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ଖାତା ଖୋଲିବାରେ ବିଫଳ ହୋଇଛି। ଏନଡିଏ ଦଖଲ କରିଥିବା ୨୦୩ ଆସନ ମଧ୍ୟରୁ ବିଜେପି ୯୨, ଜେଡିୟୁ ୮୩ ଏବଂ ଚିରାଗ ପାଶୱାନଙ୍କ ଏଲଜେପି ୨୮ ଆସନ ପାଇଛି। ଅନ୍ୟପଟେ ମହାମେଣ୍ଟର ୩୫ ଆସନ ମଧ୍ୟରୁ ଆରଜେଡିକୁ ୨୭ ଆସନ ମିଳିଛି। କଂଗ୍ରେସକୁ ୫ ଆସନ ମିଳିଥିବବେଳେ ଅନ୍ୟ ସହଯୋଗୀ ଦଳ ୨ଟି ଆସନ ପାଇଛନ୍ତି।

### ଆମେ ଏନଡିଏ...

ଜଣାଇଥିଲେ। ଏହି ଅବସରରେ ସେ ବିହାରର ଜନସାଧାରଣଙ୍କୁ ଏନଡିଏର ବିଜୟର ବାର୍ତ୍ତା ଦେଇଥିଲେ। ତା'ପରେ ସେ ମଞ୍ଚ ଉପରକୁ ଉଠି ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ଛଠି ମାଇୟା" (ଛଠି ମାଇୟା) ଧ୍ୱନି ଦେଇ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, "ଏହି ବିପୁଳ ବିଜୟ, ଏହି ଅଟଳ ବିଶ୍ୱାସ, ବିହାରର ଲୋକମାନେ ସମ୍ପୂର୍ଣ୍ଣ ଭାବରେ ବିଶ୍ୱକୁ ଝଡ଼ରେ ଆକର୍ଷିତ କରିଛନ୍ତି। ଆଜି, ସେମାନେ ସୁନିଶ୍ଚିତ କରିଛନ୍ତି ଯେ ବିହାରର ପ୍ରତ୍ୟେକ ଘରେ ମାଖାନା କ୍ଷୀର ତିଆରି ହେଉଛି।" ସେ କହିଥିଲେ, "ଆମେ, ଏନଡିଏ, ଲୋକଙ୍କ ସେବକ।" ଆମେ ଆମର କଠିନ ପରିଶ୍ରମ ଦ୍ୱାରା ଲୋକମାନଙ୍କୁ ଖୁସି କରିଚାଲିଛୁ, ଏବଂ ଆମେ ସେମାନଙ୍କ ହୃଦୟ ଚୋରି ମଧ୍ୟ କରିଛୁ, ଏବଂ ସେଥିପାଇଁ ବିହାର ପୁଣି ଥରେ ଦୋହରାଇଛନ୍ତି ଯେ, "ପୁଣି ଥରେ, ଏନ୍‌ଡିଏ ସରକାର।"

### ଜୟ ଢୋଲକିଆଙ୍କୁ ...

ପ୍ରତି ଭରସା ଓ ସମ୍ମାନ କାଏମ ରହିବ। ବିଜେଡିକୁ ଭୋଟ ଦେଇଥିବା ନୂଆପଡ଼ା ଭୋଟରଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି।

### ଶାନ୍ତିଶୃଙ୍ଖଳାର ସହ...

ନିୟୋଜିତ ପୋଲିସ ଅଧିକାରୀ/କର୍ମଚାରୀଙ୍କ ନିଷ୍ଠାପର ଓ ପାରଦର୍ଶୀ ଉଦ୍ୟମର ଉଚ୍ଚ ପ୍ରଶଂସା କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ମଧ୍ୟ ପ୍ରାର୍ଥୀ, ପ୍ରାର୍ଥୀଙ୍କ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ସର୍ବୋପରି ମତଦାତାଙ୍କୁ ସମସ୍ତ ସହଯୋଗ ପାଇଁ ସାଧୁବାଦ ଜଣାଇଛନ୍ତି।

### ୪୪ତମ ଭାରତ...

ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଉତ୍କଳୀୟ ସ୍ଥପତ୍ୟ କଳାର ନିଦର୍ଶନ ହେଉଛି ଶ୍ରୀମନ୍ଦିର। ଏଥର ଓଡ଼ିଶା ମଣ୍ଡପର ମୁଖ୍ୟ ପ୍ରବେଶ ଦ୍ୱାରରେ ଶ୍ରୀମନ୍ଦିର ସିଂହଦ୍ୱାର ଆକୃତିର ତୋରଣ ଶୋଭାପାଉଛି। ସେହିପରି ଆଉ ଏକ ପ୍ରବେଶପଥରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦର୍ଶାଉଥିବା 'ବୋଇତ' ଆକୃତିର ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଓଡ଼ିଶା ମଣ୍ଡପ ଭିତରେ ଧଉଳିର ଶାନ୍ତିସ୍ତୁପ ଓ ଡୋକ୍ରା କାରିଗରୀ ସାଙ୍ଗକୁ ଆଧୁନିକ ଜାହାଜର ପ୍ରତିରୂପ ଦେଶ ବିଦେଶର ଦର୍ଶକଙ୍କୁ ଆକର୍ଷିତ କରୁଛି। ଓଡ଼ିଶା ମଣ୍ଡପରେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସହଯୋଗୀ ସଂସ୍ଥା ପକ୍ଷରୁ ମୋଟ ୨୮ଟି ଷ୍ଟଲ୍ ରହିଛି। ଏଥିରେ ଅନନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହିତ ଓରମାସ୍ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମା'ଙ୍କ ହାତ ତିଆରି ସାମଗ୍ରୀ, କୋରାପୁଟ କଫି ଏବଂ ପୁଷ୍ଟିଶସ୍ୟ ଖାଦ୍ୟ ପଦାର୍ଥ ଆଦି ସ୍ଥାନ ପାଇଛି। ସେହିପରି 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ଅନନ୍ୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ଲାଇଭ୍ ଡେମନଷ୍ଟ୍ରେସନ ଆଉ ଏକ ଆକର୍ଷଣ ପାଲଟିଛି। ଏଠାରେ ଓଡ଼ିଶାର କାରିଗରମାନେ ପଟ୍ଟଚିତ୍ର, ତାରକସି, ସବାଇ ଘାସ ଓ ଲାଖରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ପ୍ରଦର୍ଶନ କରୁଛନ୍ତି। ଏହାସହ ଓଡ଼ିଶା ପ୍ରସିଦ୍ଧ ରସଗୋଲା, ଛେନାପୋଡ଼, ଛେନା ଝିଲ୍ଲି ଏବଂ ଦହିବରା ଆଳୁଦମ ଆଦିର ମଜା ନେବା ପାଇଁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରବୀର ସିଂ, ଓଡ଼ିଶା ମଣ୍ଡପର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ଶୀତ କବଳରେ...

ଝାରସୁଗୁଡ଼ାରେ ୧୦.୯, ରାଉରକେଲାରେ ୧୧.୧, ଚିପିଲିମାରେ ୧୧.୨, କିରେଇରେ ୧୧.୫, ଭବାନୀପାଟଣାରେ ୧୧.୫ ଏବଂ ଅନୁଗୋଳରେ ୧୨ ଡିଗ୍ରୀ ରହିଛି। ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ୧୫ଡ଼ିଗ୍ରୀ ତଳେ ରାତି ତାପମାତ୍ରା ପହଞ୍ଚିଛି। କଟକରେ ୧୪.୬ ଡିଗ୍ରୀ ଥିବାବେଳେ ଭୁବନେଶ୍ୱରରେ ତାପମାତ୍ରା ୧୪.୧ ଡିଗ୍ରୀକୁ ଖସି ଆସିଛି। କଟକ ଏବଂ ଭୁବନେଶ୍ୱରରେ ଶୀତ ଅନୁଭୂତ ହେଉଛି।

# ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ରେଲୱେ ଛକରେ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ବ୍ଲକ ଅନ୍ତର୍ଗତ ହରଡ଼ାପୁଟ ଗ୍ରାମର ଅଜୟ ମୁଦୁଲି ଓ ରାମ କୃଷ୍ଣ ଜାନି।

ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଗୁରୁବାର ଅଜୟ ମୁଦୁଲି (୨୫) ଓ ତାଙ୍କ ସାଙ୍ଗ ରାମ କୃଷ୍ଣ ଜାନୀ (୨୫) ଦୁଇ ଜଣ ମିଶି ଏକ ବାଇକ୍‌ରେ ଜୟପୁର ଆସି କାମ ସାରି ଫେରିବା ସମୟରେ ରାତ୍ର ସମୟରେ ଜୟପୁର ରେଲୱେ ଛକରେ ଗୋଟିଏ ଅଜଣା ଗାଡି ବିପରିତ ଦିଗରୁ ଆସି ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶୁକ୍ରବାର ସକାଳୁ ମୃତ ଅଜୟ ମୁଦୁଲିର ବାପା କମଳ ଲୋଚନ ମୁଦୁଲି ଖବର ପାଇ ଘଟଣାସ୍ଥଳରେ ପହଂଚି ଥିଲେ। ଦୁଇ ଜଣଙ୍କ ମୃତଦେହ ରାସ୍ତା ଉପରେ ପଡ଼ିରହି ଥିଲା। ଏନେଇ ଜୟପୁର ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଯୁବ ରେଡ୍‌କ୍ରସ୍ ପକ୍ଷରୁ ୧୧୪ ୟୁନିଟ୍ ରକ୍ତ ସଂଗ୍ରହ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆସୁ ଭୀମକୁଣ୍ଡ ଉଚ୍ଚ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ ତରଫରୁ ଏକ ଭବ୍ୟ ରକ୍ତଦାନ ମହୋତ୍ସବ ଆୟୋଜନ ହୋଇ ଯାଇଛି। ଉକ୍ତ ମହୋତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଡୁମୁରିଆ କ୍ଷେତ୍ରୀୟ ଚିକିତ୍ସାଳୟର ଅଧିକାରୀ ଡଃ ଅଙ୍କିତ କୁମାର ମହାନ୍ତି ଓ ୟୁନିୟନ୍ ବ୍ୟାଙ୍କ, ଡୁମୁରିଆର ପରିଚାଳକ ମାନଗୋବିନ୍ଦ ନାୟକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସର ମାର୍ଗଦର୍ଶକ ଅଧ୍ୟାପକ ସନ୍ତୋଷ କୁମାର ସେନାପତିଙ୍କ ନେତୃତ୍ୱରେ ମହୋତ୍ସବ ପରିଚାଳନା କରାଯାଇଥିଲା। ଉକ୍ତ ମହୋତ୍ସବରେରେ ପୁରାତନ ଛାତ୍ରଛାତ୍ରୀ, ରେଡ଼କ୍ରସର ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀଙ୍କ ସମେତ ଶୁଭେଚ୍ଛୁ ଓ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରି ଓ ଓ ରକ୍ତଦାନକୁ ଭିନ୍ନ ଏକ ଦେଶପ୍ରେମ ଭାବି ମୋଟ ୧୧୪ ୟୁନିଟ ରକ୍ତଦାନ କରାଇଥିଲେ। ଓଡ଼ିଶା ରକ୍ତଦାତା ମହାସଂଘ ତଥା କେନ୍ଦୁଝର ଜିଲ୍ଲା ରକ୍ତଦାତା ପରିବାରର ସଦସ୍ୟ ଏବଂ ଜିଲ୍ଲା ଯୁବ ରେଡକ୍ରସ୍ ରେଡ୍ ସଂଯୋଜକ ହିମାଂଶୁ ଶେଖର ମହାନ୍ତି ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରାଇବା ସହ ଯୁବ ରେଡକ୍ରସର ମାର୍ଗଦର୍ଶକ ଶ୍ରୀ ସେନାପତିଙ୍କ ଜନ୍ମ ଦିବସରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ମହୋତ୍ସବ ଆୟୋଜନ କରାଇ ଏତେ ସଂଖ୍ୟକ ରକ୍ତ ସଂଗ୍ରହ ହେବାର ଭୂୟସୀ ପ୍ରଶଂସା କରିଥିଲେ।

D-261

**ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ପୁରୀ**

ପତ୍ର ସଂଖ୍ୟା : ୪୫୧ / ଗୃହରକ୍ଷୀ   ତା. ୧୨.୧୧.୨୦୨୫

**ପୁରୀ ଜିଲ୍ଲା ଗୃହରକ୍ଷୀ ଚୟନ-୨୦୨୫ ଲିଖିତ ପରୀକ୍ଷା ନିମନ୍ତେ ବିଜ୍ଞାପନ**

ପୁରୀ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ତରଫରୁ ବିଜ୍ଞାପିତ ସଂଖ୍ୟା ୪୩୯/ ଗୃହରକ୍ଷୀ ତା ୧୦.୧୧.୨୦୨୫ ମାଧ୍ୟମରେ ୧୨୨ ଗୋଟି ଗୃହରକ୍ଷୀ ପଦବୀ ପାଇଁ ଲିଖିତ ପରୀକ୍ଷା ଚଳିତ ନଭେମ୍ବର ମାସ ୨୧.୧୧.୨୦୨୫ (ଶୁକ୍ରବାର) ଦିନ ସକାଳ ୧୦.୦୦ ଘଟିକା ସମୟରେ ପୁରୀ ତାଳବଣିଆ ସ୍ଥିତ ଇଣ୍ଡୋର ଖେଳପଡ଼ିଆରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ପ୍ରବେଶ ପତ୍ର ନିଜେ ନିଜ ଥାନାରୁ ପରିଚୟ ପତ୍ର ଦେଖାଇ, ସଂଗ୍ରହ କରି ସେଥିରେ ନିଜର ପାସପୋର୍ଟ ଫଟୋ ସଂଲଗ୍ନ କରି ପରୀକ୍ଷା କେନ୍ଦ୍ରକୁ ଆସିବେ। ପ୍ରବେଶ ପତ୍ର ଥାନା ମାନଙ୍କରେ ତା ୧୪.୧୧.୨୦୨୫ରିଖ ଠାରୁ ଉପଲବ୍ଧ ହେବ। ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ "puri.odisha.gov.in"ରେ ଉପଲବ୍ଧ।

ଆପଣଙ୍କର ବିଶ୍ୱସ୍ତ
ସ୍ୱା/-ସମଦେଷ୍ଟା ଗୃହରକ୍ଷୀ ବାହିନୀ, ପୁରୀ

No. 7261 / Dt. 10.11.2025   C-1435

**OFFICE OF THE MUNICIPAL COUNCIL: JAGATSINGHPUR**
**INVITATION FOR BIDS**
**COMPETITIVE BIDDING THROUGH e-Procurement**
**Bid Reference No. EO/JSPURM/S-03/2025-26**
**Bid Identification No.2025_ORULB_121061**

1. Name of the work for which Tender invited - "**Supply of 08 nos of LCV Compartmentalized Vehicles including Drivers & Loaders on Hiring Basis to Jagatsinghpur Municipality"** through QCBS Method for Door To Door Waste Collection from Ward No.I to 21 within Municipality Area
2. Eligible Intending Registered & Financially Sound Manpower Service Provider Agency/Firms/Trust/NGOs having similar nature of work experience of at least Five to Ten years and fulfilling the other criteria as given in the DTCN.
3. The Bid documents will be available in the web-site i.e., **http://www.ten dersodisha.gov.in** from **11:00 hrs of Dt. 12.11.2025 to 17 :00 Hrs of Dt. 29.11.2025** for online bidding.
4. Last date & time of receipt of Bid through online **17.00 of Dt. 29.11.2025.**
5. Opening of Bid on **Dt. 03.12.2025 at 11:00 Hrs**.
6. The bidder has to participate in online bidding only.

For further detail information any one can visit the procurement portal of the Govt, of Odisha i.e., http://wvvw.tendersodisha.gov.in

**Sd/- Executive Officer**
**Jagatsinghpur Municipality**

ଭୁବନେଶ୍ୱର
୧୫ ନଭେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୧୬ରେ ବିଏମ୍‌ସିର ଷ୍ଟ୍ରିଟ୍ କାର୍ଣ୍ଣିଭାଲ



**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରବାସୀଙ୍କ ପାଇଁ ଖୁସି ଖବର। ଆସନ୍ତା ୧୬ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି ଷ୍ଟ୍ରିଟ୍ କାର୍ଣ୍ଣିଭାଲ ବା ରାସ୍ତା ପାର୍ଶ୍ୱ ମେଳା। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଷ୍ଟ୍ରିଟ୍ କାର୍ଣ୍ଣିଭାଲରେ ବହୁ କଳାକାର, ବାସ୍ତୁଶାସ୍ତ୍ର ବିଶାରଦ, ଡିଜାଇନର ଓ ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୀତୁଆ ସକାଳର ମଜା ନେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ଉପଭୋଗ କରିପାରିବେ। ଏହି ମେଳା ମାଷ୍ଟର କ୍ୟାଣ୍ଟିନ ଛକରୁ ଗିରିଦୁର୍ଗା ମନ୍ଦିର ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ଆପଣଙ୍କ ସହରକୁ ଜାଣନ୍ତୁ, ଥ୍ରୀଡି ଆର୍ଟ, ଜୁମ୍ବା, ଲାଇଭ୍ ମ୍ୟୁଜିକ୍, ଡ୍ୟାନ୍ସ, ବିଭିନ୍ନ ପ୍ରଦର୍ଶନ, ଆର୍କିଟେକ୍ଟଙ୍କ ଦ୍ୱାରା ଘରର ସୌନ୍ଦର୍ଯ୍ୟକରଣ, ବର୍ଜ୍ୟରୁ ପ୍ରସ୍ତୁତ ଶ୍ରେଷ୍ଠ ଫ୍ୟାସନ ଡିଜାଇନ୍ ସୋ, ବିଭିନ୍ନ ପେଣ୍ଟିଂ କଳା ଆଦି ପ୍ରଦର୍ଶିତ ହେବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିବେ ଦର୍ଶକ। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁଙ୍କଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଭରପୁର କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ ବିଚିତ୍ରା ସହ ଅନେକ ଜାଣିବା କଥା ଶିକ୍ଷା ଲାଭ କରିବାକୁ ମିଳିବ ଏହି ଷ୍ଟ୍ରିଟ୍ କାର୍ଣ୍ଣିଭାଲରେ।



ଭୁବନେଶ୍ୱର : ବିଜେପି କାର୍ଯ୍ୟାଳୟ ପରିସରରେ ନୂଆପଡ଼ା ଉପନିର୍ବାଚନରେ ଦଳର ବିପୁଳ ବିଜୟ ଉତ୍ସବ ପାଳନ ଅବସରରେ ଦଳର ବରିଷ୍ଠ ନେତାମାନେ। (ଫଟୋ : ସମ୍ବାଦ କଳିକା)

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକାରିତାକୁ ଆଉ ଗୋଟିଏ ପାଦ ଆଗକୁ ନେଇ ଶୁକ୍ରବାର ଲୋକସେବା ଭବନ ଠାରେ ଏହି ଯୋଜନାର ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଲୋଗୋକୁ ଉନ୍ମୋଚନ କରି କହିଛନ୍ତି ଯେ ପିଲାଙ୍କୁ ଆଧୁନିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାକୁ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ପାଇଁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।



ଉକ୍ତ ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ, ଅର୍ଥାତ୍ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହା ଖର୍ଚ୍ଚ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ଗ୍ରାମପଞ୍ଚାୟତର ଏପରି ଏକ ଗ୍ରାମରେ ସ୍ଥାପିତ କରାଯିବ ଯେଉଁଠାରେ ଅନ୍ୟୁନ ୫ ଏକର ଜମି ଉପଲବ୍ଧ ଥିବା ସହିତ ଯେଉଁଠାକୁ ଗମନାଗମନ ସୁବିଧା ଥିବ। ପଞ୍ଚାୟତର ମଧ୍ୟ ସ୍ଥଳରେ ଅନ୍ୟୁନ ୫ ଏକର ଜମି ଉପଲବ୍ଧ ଥିବା ସର୍ବବୃହତ୍ ଗ୍ରାମକୁ ପ୍ରାଥମିକତା ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଲୋଗୋ ଓଡ଼ିଆ ସଂସ୍କୃତିକୁ ବହନ କରୁଛି। ମହାନ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶକୁ ବହନ କରୁଛି। ଏହି 'ଲୋଗୋ' ଶିକ୍ଷାର ମହତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି। 'ଲୋଗୋ'ର ମଧ୍ୟଭାଗରେ ଏକ ଖୋଲା ପୁସ୍ତକ ଓ ଏକ କଲମ ମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଏ ଏବଂ କଲମ ମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିନିଧିତ୍ୱ କରେ। କଲମ ମୁନର ଉପରିଭାଗରେ ଜଳୁଥିବା ମଶାଲ୍, ଜ୍ଞାନ ଓ ସତ୍ୟର ପ୍ରତୀକ, ଯାହା ଅଜ୍ଞାନତା ଦୂର କରିଥାଏ ଏବଂ ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ। ଏହା ଆମ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ, ଡକ୍ଟର ଏନ. ତିରୁମାଲା ନାଏକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇବେ ସରକାର

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଆଳୁ ଉପଲବ୍ଧ କରାଇବା ପାଇଁ ଆଳୁ କ୍ରେତା ଓ ବିକ୍ରେତାମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ପ୍ରଦେଶ ରାଜ୍ୟ ଉଦ୍ୟାନ କୃଷି ସମବାୟ ମାର୍କେଟିଂ ଫେଡେରେସନ୍, ଉତ୍ତର ପ୍ରଦେଶ ରାଜ୍ୟ କୃଷି ଉତ୍ପାଦ ବଜାର ବୋର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ଉତ୍ତରପ୍ରଦେଶର ଆଳୁ ଉପଲବ୍ଧ କରାଇବା ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ରାଜ୍ୟରେ ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଆଳୁ ଯୋଗାଇଦେବା ପାଇଁ ସରକାର ସମସ୍ତ



ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଆଳୁ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଅଭାବୀ ବିକ୍ରୟକୁ ପ୍ରତିହତ କରିବା ପାଇଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅନେକ ସମୟରେ ଆଳୁକୁ ନେଇ କ୍ରେତା ଓ ବିକ୍ରେତା ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜୁଥିବାରୁ ଉତ୍ତରପ୍ରଦେଶ ଭଳି ବାହାର ରାଜ୍ୟରୁ ଆଳୁ ଆଣି ଖାଉଟିମାନଙ୍କୁ ଯୋଗାଇ ଦିଆଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଉତ୍ତରପ୍ରଦେଶ ଦେଶର ଏକ ପ୍ରମୁଖ ଆଳୁ ଉତ୍ପାଦନକାରୀ ରାଜ୍ୟ ହେବା ସହ ଦେଶର ମୋଟ ଉତ୍ପାଦନର ୩୫ ପ୍ରତିଶତ ଆଳୁ ଏଠାରୁ ଆସିଥାଏ। ଆଳୁ ଚାହିଦା ମେଣ୍ଟାଇବା ପାଇଁ ଉତ୍ତରପ୍ରଦେଶ ବ୍ୟବସାୟୀଙ୍କର ସେ ସହାୟତା ଲୋଡ଼ିଥିଲେ। ଉଭୟ ରାଜ୍ୟ ମଧ୍ୟରେ ଆଳୁ ବିପଣନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଚାଷୀ, ବ୍ୟବସାୟୀ, ରପ୍ତାନୀକାରୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଥିଲେ। ଉକ୍ତ ବୈଠକରେ ଚାଷୀମାନଙ୍କର ବିଭିନ୍ନ ଉତ୍ପାଦର ନମୁନା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ କୃଷି ବିପଣନ ଉପନିର୍ଦ୍ଦେଶକ ସୁଗ୍ରୀବ ଶୁକ୍ଲା, ବୋର୍ଡ ଅଫ୍ ଡାଇରେକ୍ଟର ମହେନ୍ଦ୍ର ପାଲ, ଜେନେରାଲ୍ ମ୍ୟାନେଜର ଧରିତ୍ରୀ ମିଶ୍ର, ଉଦ୍ୟାନ କୃଷି ଅତିରିକ୍ତ ନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, ରାଜ୍ୟ ବିଭିନ୍ନ ସଂଘର ପ୍ରତିନିଧି ସୁଧାକର ପଣ୍ଡା, ଶକ୍ତିଶଙ୍କର ମିଶ୍ର, ବୀରେନ୍ ସାହୁ, ଅଲୋକ ଅଗ୍ରୱାଲ, ବିଧିଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ ନେବା ବେଳେ ଭିଜିଲାନ୍ସ ପଞ୍ଝାରେ କନିଷ୍ଠ କିରାଣି

**ବାରିପଦା, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ମୋରଡ଼ା ବ୍ଲକ କାର୍ଯ୍ୟାଳୟର କନିଷ୍ଠ କିରାଣି ପାର୍ଥଶଙ୍କର ଟେଲ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକରେ ପୂର୍ବରୁ କାର୍ଯ୍ୟରତ ତଥା ଅବସରପ୍ରାପ୍ତ ପିଇଓ ମାଣିତ୍ରୀ ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଗଦାଧର ସୋରେନଙ୍କ ଅବସରକାଳୀନ କାଗଜପତ୍ରର କ୍ଲିଅରାନ୍ସ ପାଇଁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଲାଞ୍ଚ ନେବା



ବେଳେ ତାଙ୍କୁ ଧରିଛନ୍ତି। ବ୍ଲକ ପରିସରରେ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମ, ଇନ୍ସପେକ୍ଟର ବିକାଶ ରଞ୍ଜନ ସ୍ୱାଇଁ, ଛବିରାଣୀ ହେମ୍ବ୍ରମ, ଲଳିତ ରାଉତ, ଚତୁର୍ଭୁଜ ଚମ୍ପିଆ କିରାଣି ପାର୍ଥ ସାରଥୀଙ୍କୁ ମାଡ଼ି ବସିଥିଲେ। ତେବେ ପାର୍ଥସାରଥୀ ଟଙ୍କାଗୁଡ଼ିକୁ ଫିଙ୍ଗି ଦେଇ ଅଫିସ ଭିତରକୁ ଚାଲିଯାଇଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ରାସାୟନିକ ମିଶ୍ରିତ ପାଣିରେ ପାର୍ଥସାରଥୀଙ୍କ ହାତ ଧୋଇବାରୁ ପାର୍ଥସାରଥୀ ଲାଞ୍ଚ ନେଉଥିବାର ପ୍ରମାଣ ହୋଇଥିଲା। ଏହାପରେ ପାର୍ଥସାରଥୀଙ୍କୁ ଭିଜିଲାନ୍ସ ଟିମ୍ ଅଟକ ରଖି ଅଧିକ ପଚରାଉଚୁରା କରିଥିଲେ। ପାର୍ଥସାରଥୀଙ୍କ ସରକାରୀ କାର୍ଯ୍ୟାଳୟ ସମେତ ବାରିପଦା ସ୍ଥିତ ଘରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ଉ ପ୍ରକ୍ରିୟା ଜାରି ରହିଛି। ତଦନ୍ତ ସରିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଓଡ଼ିଶାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବୈଠକ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଜଟଣୀଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅଗ୍ରଗତି ନେଇ ସମୀକ୍ଷା କରି ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀ ସାହୁ ଭୁବନେଶ୍ୱରରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ସ୍ଥାପନର ପ୍ରଗତି ଏବଂ ଏନଏଫଏସୟୁର ବର୍ତ୍ତମାନ କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କିତ ଆଲୋଚନା ସହ ଓଡ଼ିଶାରେ ଅପରାଧ ବିଧି ବିଜ୍ଞାନର କ୍ଷମତା ବୃଦ୍ଧି





କରି ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଶେଷ ଆଲୋଚନା କରିଥିଲେ। ଏତଦ୍ ବ୍ୟତୀତ ଏନଏଫଏସୟୁର ସହାୟତାରେ ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରରେ ବିଚାରଧୀନ ନମୁନା ସଂଖ୍ୟା ହ୍ରାସ କରିବା ସହ ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରର ଅଧିକାରୀ, ପୁଲିସ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ଏନଏଫଏସୟୁ ଦ୍ୱାରା ଉନ୍ନତ ମାନର ପ୍ରଶିକ୍ଷଣ ପ୍ରଦାନ ଉପରେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା।

ବୈଠକରୁ ଜଣାପଡ଼ିଛି ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଟଣୀର ଗଉଡ଼କାଶିପୁର ଓ ଅଳକାରଠାରେ ଏକ ସ୍ଥାନ ଯୋଗାଇ ଦିଆଯାଇଛି । ଏହା ଗୁଜୁରାଟର ଅହମଦାବାଦଠାରେ ଥିବା ଜାତୀୟ ଫୋରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ଏକ ଶାଖା ଜଟଣୀଠାରେ ପ୍ରତିଷ୍ଠା କରାଯାଉଛି। କିନ୍ତୁ ବିଶ୍ୱବିଦ୍ୟାଳୟର ଗୃହ ନିର୍ମାଣରେ ସମୟ ଲାଗୁଥିବାରୁ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଚଳିତ ବର୍ଷଠାରୁ ଏକ ଅସ୍ଥାୟୀ କ୍ୟାମ୍ପସରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହୋଇଛି। ଏହି ବିଶ୍ୱବିଦ୍ୟାଳୟ ୮ଜଣ ଅଧ୍ୟାପକ, ୧୧ଜଣ ପ୍ରଶାସନିକ ଅଧିକାରୀ, ୫ଜଣ ପିଏଚଡି ସ୍କଲାର ଦ୍ୱାରା ଚାଲୁଅଛି। ଏହି ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନୀୟା, ନୂଆଦିଲ୍ଲୀର ଜାତୀୟ ଫୋରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ପୁରବୀ ପୋଖାରୀୟା, ଏସଏଫଏସଏଲର ନିର୍ଦ୍ଦେଶିକା ଡକ୍ଟର ସନ୍ତୋଷ ବାଲା, ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା ଏବଂ ସୁବାଷ ଚନ୍ଦ୍ର ଦାଶ ତଥା ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ହ୍ୟୁମାନ ସାଗର ଅସୁସ୍ଥ ଗୁରୁତର ଅବସ୍ଥାରେ ଏମ୍‌ସକୁ ସ୍ଥାନାନ୍ତର




**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ଓଲିଉଡ୍ ସିଙ୍ଗରଙ୍କ ଉପରେ ଲାଗିଲା କଳା ନଜର। ଅଭିଜିତ ମଜୁମଦାର ପରେ ଓଲିଉଡ୍ ଇଣ୍ଡଷ୍ଟ୍ରିର ଚର୍ଚ୍ଚିତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ହ୍ୟୁମାନ ସାଗର କିଡ୍‌ନୀ ଓ ଲିଭର ଜନିତ ରୋଗରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। କିଛି ଦିନ ହେବ ସେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

# ରାଜ୍ୟରେ ଏଲ୍‌ପିଜି ଯୋଗାଣକୁ ସୁବ୍ୟବସ୍ଥିତ କରାଯିବ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଏଲ୍‌ପିଜି ସିଲିଣ୍ଡର ଖାଉଟିମାନଙ୍କୁ ସୁବିଧାରେ ଓ ଠିକଣା ସମୟରେ ଗ୍ୟାସ ପହଞ୍ଚାଇବା ଉପରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଗୁରୁତ୍ୱାରୋପ କରିଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗ୍ୟାସ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଖାଉଟିମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ସେ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଭିନ୍ନ ସ୍ଥାନରେ ୫ କେଜିଆ ସିଲିଣ୍ଡର ବିନା ସୁରକ୍ଷା ଗ୍ୟାରେଣ୍ଟିରେ ବିକ୍ରୟ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିବାରୁ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ବ୍ୟବଧାନରେ ଗ୍ୟାସ ସିଲିଣ୍ଡରର କଳାବଜାରୀ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଥିଲେ। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ନିରବଚ୍ଛିନ୍ନ ରଖିବା ପାଇଁ ଗ୍ୟାସ କମ୍ପାନୀମାନଙ୍କୁ ପତ୍ର ଲେଖି ଯୋଗାଣର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍‌ର ମୁଖ୍ୟ ପରିଚାଳକ ନାରୋ ଟଣ୍ଡପ, ଏଚ୍‌ପିସିଏଲ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର ଏମ୍ ଶ୍ରୀନିବାସନ୍,



ବିପିସିଏଲ୍‌ର ରାଜ୍ୟ ଶାଖା ମୁଖ୍ୟ ରାଜକୁମାର ସିଂ, ଆଇଓସିଏଲ୍‌ର ମୁଖ୍ୟ ପରିଚାଳକ କେ.ସି ସେଠ୍ ଏବଂ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସଲାଉଦ୍ଦିନ୍ ଖାନ୍ ଉପସ୍ଥିତ ଥିଲେ।

# ରଣପୁର-ଦର୍ପନାରାୟଣପୁର ରାସ୍ତା ଡିସେମ୍ବର ସୁଦ୍ଧା ସାରିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

**ରଣପୁର/ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରଣପୁରର ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବୈଠକରେ ନୂତନ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟର ସ୍ଥାନ ଚିହ୍ନଟ ଓ ନିର୍ମାଣ ସହ ଉପର ବାଇପାସ୍ ଓ ତଳ ବାଇପାସ୍ ରାସ୍ତାର ପ୍ରଶସ୍ତିକରଣ, ପୂର୍ତ୍ତବିଭାଗ ଡାକବଙ୍ଗଳାର ଉନ୍ନତିକରଣ ତଥା ନୂତନ ରାଜସ୍ୱ ଡାକବଙ୍ଗଳା ନିର୍ମାଣ ଓ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ପ୍ରବେଶ ରାସ୍ତାର ପ୍ରଶସ୍ତିକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହ ଡିମିଶର ଦୁଆନ୍ତ ନଦୀସେତୁ ଓ ରାଜସୁନଖଳା ରଣପୁର ରାସ୍ତାରେ ଥିବା ମନ୍ଦାକିନୀ ନଦୀ ସେତୁ ନିମାଣ କାର୍ଯ୍ୟ ଓ ରଣପୁର ଓ ଦର୍ପନାରାୟଣପୁର ରାସ୍ତାର ଅଗ୍ରଗତି ଓ ଶୀଘ୍ର ପରିସମାପ୍ତି ତ୍ୱରାନ୍ୱିତ କରିବା ଦିଗରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

ଉପରୋକ୍ତ କାର୍ଯ୍ୟଗୁଡିକର ସମୀକ୍ଷା କରି ଯଥାଶୀଘ୍ର ସାରିବା ପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତବିଭାଗ ଦ୍ୱାରା ହେବାକୁ ଥିବା ଡିମିଶର ଦୁଆନ୍ତ ନଦୀସେତୁ ଓ ରାଜସୁନାଖଳା-ରଣପୁର ରାସ୍ତାରେ ଥିବା ମନ୍ଦାକିନୀ ନଦୀ ସେତୁ ନିର୍ମାଣ କାର୍ଯ୍ୟ, ରଣପୁର ଓ ଦର୍ପନାରାୟଣପୁର ରାସ୍ତା ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ପ୍ରକାଶ ଜେନା, କୃଷ୍ଣଚନ୍ଦ୍ର ଶଗରିଆ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଟ୍ରକ୍-ବାଇକ୍ ଧକ୍କା : ଜଣେ ମୃତ

**ବ୍ରହ୍ମପୁର, ୧୪।୧୧:ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ବିଳମ୍ବିତ ରାତ୍ରରେ କୋଦଳା ଥାନା ମେଳିସାହୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୋଟିଏ ଟ୍ରକ୍ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ କୌଣସି କାର୍ଯ୍ୟରେ କବିସୂର୍ଯ୍ୟନଗର ଥାନା ଅର୍ଜୁନପଲିର ପୂର୍ଣ୍ଣଚନ୍ଦ୍ର ନାହାକ (୩୬) କୋଦଳା ନିବାସୀ କୁମାର ବାବୁ ବେହେରା (୪୫)ଙ୍କ ନିକଟକୁ ଆସିଥିବା ବେଳେ କାର୍ଯ୍ୟ ଶେଷ କରି କୁମାର ବାବୁ ବାଇକ୍ ଯୋଗେ ପୂର୍ଣ୍ଣଚନ୍ଦ୍ର ନାହାକଙ୍କୁ ଅର୍ଜୁନପଲିରେ ଛାଡ଼ିବାକୁ ଯାଉଥିବା ବେଳେ ଭୁବନେଶ୍ୱର-ଆସିକା ମୁଖ୍ୟ ରାସ୍ତାର ମେଳିସାହୁ ପେଟ୍ରୋଲ ପମ୍ପ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ଟି ଛିଟିକି ପଡ଼ିଥିବା ବେଳେ ଦୁଇ ବାଇକ୍ ଆରୋହୀ ବି ପଡ଼ିରହିଥିଲେ। ଏହି ଦୁଇ ଆହତଙ୍କୁ ଅଗ୍ନିଶମ ବାହିନୀର ଉଦ୍ୟମରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବା ପରେ ଡାକ୍ତର କୁମାର ବାବୁ ବେହେରାଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ପୂର୍ଣ୍ଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହିତ ଡ୍ରାଇଭର, ହେଲ୍ପରକୁ ଅଟକ ରଖିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।



# ୨୦୨୪ ସୁଦ୍ଧା ଦେଶରେ ୮.୯୮ କୋଟି ଡାଇବେଟିସରେ ଆକ୍ରାନ୍ତ

**ଭୁବନେଶ୍ୱର, ୧୪।୧୧**
**ନ୍ୟୁଜ୍‌ବ୍ୟୁରୋ**

କାୟାବିସ୍ତାର କରିଚାଲିଛି ଡାଇବେଟିସ୍। ବିଶେଷକରି ଯୁବଗୋଷ୍ଠୀ ଏବେ ଡାଇବେଟିସ୍ ଆଁରେ। ଗତ ୨୦୨୪ ସୁଦ୍ଧା ଦେଶରେ ୨୦ରୁ ୭୯ ବର୍ଷ ବୟସ୍କ ନାଗରିକଙ୍କ ମଧ୍ୟରେ ୮.୯୮ କୋଟି (୮୯.୮ ମିଲିଅନ) ଲୋକ ଡାଇବେଟିସ୍‌ରେ ଆକ୍ରାନ୍ତ। ଆସନ୍ତା ୨୦୫୦ ସୁଦ୍ଧା ଏହା ୧୫୬.୭ ମିଲିଅନରେ ପହଞ୍ଚିବ। ଆନ୍ତର୍ଜାତିକ ଡାଇବେଟିସ୍ ଫେଡେରେସନର ଡାଇବେଟିସ୍ ଆଟଲାସ୍ ରିପୋର୍ଟ ଏହା ଦର୍ଶାଇଛି। ଓଡ଼ିଶାରେ ମଧୁମେହକୁ ନେଇ ଚିନ୍ତା ଲାଗିରହିଥିବା ବେଳେ ପ୍ରତିଦିନ ହସ୍ପିଟାଲକୁ ଦୌଡ଼ିବା ଛଡ଼ା ଆଉ କୌଣସି ଉପାୟ ନାହିଁ। ଅସନ୍ତୁଳିତ ଆହାର, ପରିବର୍ତ୍ତିତ ଜୀବନଚର୍ଯ୍ୟା ଓ ବଂଶଗତ କାରଣ ପାଇଁ ଏହା ବଢୁଛି। ଡାଇବେଟିସ୍ ସହ ଡାଇବେଟିକ୍ ଫୁଟ୍ ମଧ୍ୟ ଆହୁରି ମାରାତ୍ମକ। ତେଣୁ ଡାଇବେଟିସ ରୋଗ ଚିହ୍ନଟ ଓ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ ଓ ନିରାକରଣ କାର୍ଯ୍ୟକ୍ରମ (ଏନପି-ଏନସିଡି) ଓ ଜାତୀୟ ବରିଷ୍ଠ ସ୍ୱାସ୍ଥ୍ୟଯତ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି ରାଜ୍ୟ ସରକାର। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୩୦ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସାକୁ ସରକାର ଗୁରୁତ୍ୱ ଦେଇଛନ୍ତି।

ଏନପିଏନସିଡି ମାଧ୍ୟମରେ ଗତ ବର୍ଷକ ମଧ୍ୟରେ ୨କୋଟି ୫୫ଲକ୍ଷ ୯୦ହଜାର ୫୮୬ଜଣ ୩୦ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୧କୋଟି ୭୧ଲକ୍ଷ ୩୩ହଜାର ୭୮୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଆଶ୍ଚର୍ଯ୍ୟର ବିଷୟ, ମୋଟ ୯ଲକ୍ଷ ୮୮ଜଣ ନାଗରିକ ମଧୁମେହରେ ଆକ୍ରାନ୍ତ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି। ସେହିପରି ଚିକିତ୍ସା ଅବଧି ମଧ୍ୟରେ ପ୍ରାୟ ୮ଲକ୍ଷ ରୋଗୀ ଚିହ୍ନଟ ହୋଇଛନ୍ତି। ସାଧାରଣତଃ ମଧୁମେହ ଦୁଇପ୍ରକାର। ସେଗୁଡିକ ହେଉଛି ଟାଇପ୍-୧ ଏବଂ ଟାଇପ୍-୨। ଟାଇପ୍-୧ ଡାଇବେଟିସ୍ ଯେକୌଣସି ବୟସରେ ବିକଶିତ ହୋଇପାରେ, ଯଦିଓ ଏହା ପ୍ରାୟତଃ ଛୋଟପିଲା ବା ଯୁବାବସ୍ଥାରେ ଦେଖାଯାଏ। ସେହିପରି ଟାଇପ୍ ୨ଡାଇବେଟିସ୍ ଯେକୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ। ଭୁବନେଶ୍ୱର ଏମ୍ସସ୍ଥିତ ଏଣ୍ଡୋକ୍ରାଇନୋଲୋଜି



ବିଭାଗକୁ ପ୍ରତିମାସରେ ୨ହଜାର ଡାଇବେଟିସ୍ ରୋଗୀ ଆସୁଛନ୍ତି। ଯେଉଁଥିରେ ଉଭୟ ବରିଷ୍ଠ ନାଗରିକ ଓ ଯୁବ ଗୋଷ୍ଠୀ ଅନ୍ତର୍ଭୁକ୍ତ। ଓଡ଼ିଶାରେ ୩୨ଟି ଅଣସଂକ୍ରାମକ ରୋଗ କ୍ଲିନିକ୍, ୩୦ଟି ସେଲ୍‌ସ, ୪୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରୀୟ ଅଣସଂକ୍ରାମକ ରୋଗ କ୍ଲିନିକ ରହିଛି। ଯେଉଁଠି ଡାଇବେଟିସ୍ ନମୁନା ପରୀକ୍ଷା ହେଉଛି।

ଜାତୀୟ ବରିଷ୍ଠ ସ୍ୱାସ୍ଥ୍ୟଯତ୍ନ କାର୍ଯ୍ୟକ୍ରମ ଅଧୀନରେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ଆରଜିଏଚରେ ସ୍ୱତନ୍ତ୍ର ଜେରିଆଟ୍ରିକ ୱାର୍ଡ ପ୍ରତିଷ୍ଠା କରାଯାଇ ବରିଷ୍ଠ ନାଗରିକଙ୍କ ଚିକିତ୍ସା ହେଉଛି। ଆଗକୁ ଡାଇବେଟିସ୍ ପରୀକ୍ଷା ବ୍ୟାପକ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡାଇବେଟିକ୍ ଫୁଟ୍ ରୋଗୀଙ୍କ ପାଇଁ ଏଲୋପାଥିକ ଔଷଧ ସହ ଆୟୁଷ ଚିକିତ୍ସା ଏବେ ବଡ଼ ଭୂମିକା ଗ୍ରହଣ କରିଛି। ଓଡ଼ିଶାରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ଗବେଷଣା ପ୍ରତିଷ୍ଠାନ ଓ ଏମ୍ସ ଭୁବନେଶ୍ୱରରେ ଜୋକ ଥେରାପି ମାଧ୍ୟମରେ ଏହି ରୋଗୀଙ୍କ ଗୋଡ଼କୁ ସ୍ୱାଭାବିକ କରାଯାଉଛି। ବରିଷ୍ଠ ଡାଇବେଟିସ୍ ଚିକିତ୍ସକ ଡାକ୍ତର ଅଶୋକ କୁମାର ମହାନ୍ତି କହିଛନ୍ତି, ଭାରତରେ ମଧୁମେହ ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ, ଯେଉଁଠାରେ ୭୫ ନିୟୁତରୁ ଅଧିକ ବୟସ୍କ ଏହି ରୋଗରେ ପୀଡିତ ଅଛନ୍ତି। ଯଦି ଡାଇବେଟିସ୍ ନିୟନ୍ତ୍ରଣ ନ କରାଯାଏ, ତେବେ ଏହା ହୃଦ୍‌ରୋଗ, ବୃକକ୍ ରୋଗ ଏବଂ ଅନ୍ଧତ୍ୱ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ସହ ସନ୍ତୁଳିତ ଖାଦ୍ୟ ଓ ନିୟମିତ ଯୋଗ, ବ୍ୟାୟାମ ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ କହିଛନ୍ତି।